# କଟକ ମହାନଗର ନିଗମ ୩୪ତମ ସାଧାରଣ ବୈଠକ ବିବରଣୀ

**ତା. ୩୦.୦୫.୨୦୧୮ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୩୦.୦୫.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୩୪ତମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୯. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୦. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୧. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୬. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୭. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୮. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୯. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୦. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୧. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୨. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୩. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୪. | ଶ୍ରୀଯୁକ୍ତା ପାରୁଲ ଜୟସ୍ୱାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୫. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୬. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୭. | ଶ୍ରୀଯୁକ୍ତା ବୈଶାଳୀ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୮. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |

୨୯. ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦
୩୦. ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧
୩୧. ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨
୩୨. ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩
୩୩. ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୪
୩୪. ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୩୫
୩୫. ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୭
୩୬. ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮
୩୭. ଶ୍ରୀଯୁକ୍ତା ସୁଲୋଚନା ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୯
୩୮. ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦
୩୯. ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୪୧
୪୦. ଶ୍ରୀଯୁକ୍ତ ଚିରଂଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୪୨
୪୧. ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩
୪୨. ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ | କର୍ପୋରେଟର, ୱାର୍ଡ଼ ନଂ. – ୪୪
୪୩. ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬
୪୪. ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭
୪୫. ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୪୮
୪୬. ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯
୪୭. ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦
୪୮. ଶ୍ରୀମତୀ ମମତା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୫୧
୪୯. ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨
୫୦. ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୩
୫୧. ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୪
୫୨. ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୫୫
୫୩. ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬
୫୪. ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭
୫୫. ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୫୮
୫୬. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୫୯

## ଉପସ୍ଥିତ ପଦାଧିକାରୀ

୧. ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର | ଆୟୁକ୍ତ
୨. ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ | ଅତିରିକ୍ତ ଆୟୁକ୍ତ-୧
୩. ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ-୧
୪. ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ସେଠୀ | ଉପ ଆୟୁକ୍ତ-୨
୫. ଶ୍ରୀଯୁକ୍ତା ସରିତା ଧନଦ୍ୱାର | ଉପ ଆୟୁକ୍ତ-୪

| | |
|---|---|
| ୬. ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୭. ଡ଼ଃ ଉମେଶ ପାଣିଗ୍ରାହୀ | ନଗର ସ୍ୱାସ୍ଥ୍ୟ ଅଧିକାରୀ |
| ୮. ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ | ବିତ ଅଧିକାରୀ |
| ୯. ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୧୦. ଶ୍ରୀଯୁକ୍ତ ମନୀସ ସରକାର | ନିର୍ବାହୀ ଯନ୍ତ୍ରୀ-୧ |
| ୧୧. ଶ୍ରୀଯୁକ୍ତ ଭାଗ୍ୟଧର ସାହୁ | ନିର୍ବାହୀ ଯନ୍ତ୍ରୀ-୨ |
| ୧୨. ଶ୍ରୀଯୁକ୍ତ ନମିତା ବିଶ୍ୱାଳ | ସଚିବ |
| ୧୩. ଶ୍ରୀମତୀ ତିଲୋତମା ସାହୁ | ଓଏସ୍‌ଡ଼ି |
| ୧୪. ଶ୍ରୀଯୁକ୍ତ ଦିଗମ୍ବର ସାଇଁ | ସହକାରୀ ଆଇନ ଅଧିକାରୀ |
| ୧୫. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୬. ଶ୍ରୀଯୁକ୍ତ ଧିରେନ୍ଦ୍ର କୁମାର ପ୍ରଧାନ | ସହକାରୀ ଯନ୍ତ୍ରୀ |
| ୧୭. ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ | ସହକାରୀ ଯନ୍ତ୍ରୀ |
| ୧୮. ଶ୍ରୀଯୁକ୍ତ ସଂଜିବ କୁମାର ପ୍ରଧାନ | ସହକାରୀ ଯନ୍ତ୍ରୀ |
| ୧୯. ଶ୍ରୀଯୁକ୍ତ ଆଦିତ୍ୟ ନାରାୟଣ ମିଶ୍ର | କନିଷ୍ଠ ଯନ୍ତ୍ରୀ |
| ୨୦. ଶ୍ରୀଯୁକ୍ତ ବିପିନ ବିହାରୀ ପ୍ରଧାନ | କନିଷ୍ଠ ଯନ୍ତ୍ରୀ |
| ୨୧. ଶ୍ରୀମତୀ ଗୀତାରାଣୀ ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୨. ଶ୍ରୀଯୁକ୍ତ ଦିଲ୍ଲିପ କୁମାର ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୩. ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ର ବିଶ୍ୱାଳ | କନିଷ୍ଠ ଯନ୍ତ୍ରୀ |
| ୨୪. ଶ୍ରୀଯୁକ୍ତ ମନୋଜ କୁମାର ଦେବତା | କନିଷ୍ଠ ଯନ୍ତ୍ରୀ |
| ୨୫. ଶ୍ରୀଯୁକ୍ତ ଲଳିତେନ୍ଦୁ ନାୟକ | କନିଷ୍ଠ ଯନ୍ତ୍ରୀ |
| ୨୬. ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୭. ଶ୍ରୀଯୁକ୍ତ ପ୍ରତାପ କୁମାର ସାମଲ | କନିଷ୍ଠ ଯନ୍ତ୍ରୀ |
| ୨୮. ଶ୍ରୀମତୀ ସାଗତିକା ମହାନ୍ତି | କନିଷ୍ଠ ଯନ୍ତ୍ରୀ |

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ କର୍ପୋରେଟର, ନିଗମର ସମସ୍ତ ଅଧିକାରୀ ଏବଂ ନୂତନ ଭାବେ ନିଗମରେ ଯୋଗଦେଇଥିବା ଉପ ଆୟୁକ୍ତ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ସେଠୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଉମେଶ ପାଣିଗ୍ରାହୀଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର, ଆୟୁକ୍ତ ପ୍ରଥମେ ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ବିଷୟରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ହୋଇଥିବା ମକଦ୍ଦମା ସମ୍ବନ୍ଧରେ ଉଲ୍ଲେଖ କରି କହିଥିଲେ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ଓ ପରିଷଦ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଯଥାର୍ଥ ଏବଂ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟିରେ L1 ଟେଣ୍ଡର ସଠିକ୍ ଥିବାର ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆଦେଶ ପ୍ରଦାନ

କରିଛନ୍ତି ବୋଲି ଗୃହରେ ଅବଗତ କରିଥିଲେ । ଏ ବାବଦରେ ୨ ଗୋଟି ମକଦ୍ଦମାର ଏକତ୍ର ଶୁଣାଣି କରାଯାଇଥିଲା । ଜାଗୃତି ସଂସ୍ଥା ଭୁବନେଶ୍ୱର ମହାନଗର ନିଗମକୁ ଟେଣ୍ଡର ପ୍ରାପ୍ତ ହୋଇ ଟଁ ୩୫୦୦/- ଟଙ୍କା ଟନ୍ ପିଛା ପ୍ରାପ୍ୟ ଗ୍ରହଣ କରୁଥିବା ଯାହା ପୂର୍ବରୁ ପରିଷଦ ବୈଠକରେ ଅଭିଯୋଗ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଭୁଲ । ୨୦୧୬-୧୭ ଆର୍ଥିକ ବର୍ଷରେ ଜାଗୃତି ଟନ୍ ପିଛା ଟ. ୬୪୨୯(ଛଅ ହଜାର ଚାରିଶହ ଅଣ ତିରିଶ ଟଙ୍କା) ଭୁବନେଶ୍ୱର ମହାନଗର ନିଗମ ଠାରୁ ପ୍ରାପ୍ତ ହେଉଥିବାର ଜାଗୃତ ସଂସ୍ଥାର ଓକିଲ କୋର୍ଟଙ୍କ ସମ୍ମୁଖରେ ସ୍ୱିକାର କରିଥିଲେ ଫଳରେ ମାନ୍ୟବର ନ୍ୟାୟାଳୟ ଉକ୍ତ ମକଦ୍ଦମା ଖାରଜ କରିଦେଇଥିଲେ ବୋଲି ଆୟୁକ୍ତ ଗୃହକୁ ଅବଗତ କରିଥିଲେ ।

**ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୬ :**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଯେଉଁମାନେ ପବିତ୍ର ଗୃହରେ ମିଥ୍ୟା ତଥ୍ୟ ପ୍ରଦାନ କରି ଭୁବନେଶ୍ୱର ମହାନଗର ନିଗମ ଠାରୁ ସଫେଇ ବାବଦରେ ଜାଗୃତି ସଂସ୍ଥା ଟନ୍ ପିଛା ଟ. ୩୫୦୦/-ଟଙ୍କା ନେଉଥିବାର ଭୁଲ ତଥ୍ୟ ଉପସ୍ଥାପନ କରିଥିଲେ ସେମାନଙ୍କ ବିରୁଦ୍ଧରେ କ'ଣ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମାନ୍ୟବର ମେୟରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।
- ❖ ଉନ୍ନତି ଯୋଜନାରେ ମହାନଗର ନିଗମରେ ଅନେକ ଜନହିତକର କାର୍ଯ୍ୟ ହୋଇପାରିବ ଏବଂ ଏଥିପାଇଁ ରାଜ୍ୟ ସରକାର ଅର୍ଥ ବ୍ୟବସ୍ଥା କରୁଛନ୍ତି ବୋଲି ଆୟୁକ୍ତ ବିଗତ ପରିଷଦ ବୈଠକରେ ପ୍ରକାଶ କରିଥିଲେ, କିନ୍ତୁ ଉକ୍ତ ଯୋଜନାରେ ବିନା ଅଟ୍ଟକଳରେ କିଭଳି କାର୍ଯ୍ୟାଦେଶ ପ୍ରଦାନ କରାଗଲା । ନିଗମରେ ଏତେ ସଂଖ୍ୟକ ଯନ୍ତ୍ରୀ ନିୟୋଜିତ ଥାଇ ମଧ୍ୟ କିଭଳି ବ୍ଲକର ୪ଜଣ କନିଷ୍ଠ ଯନ୍ତ୍ରୀମାନଙ୍କୁ ଦାୟୀତ୍ୱ ନ୍ୟସ୍ତ କରାଗଲା ତାହାର ଜବାବ ଗୃହରେ ରଖାଯାଉ । କାହିଁକି ଏ ବିଷୟରେ ଗହକୁ ସମ୍ୟକ ସୂଚନା ପ୍ରଦାନ କରାଗଲା ନାହିଁ । ତୁରନ୍ତ ଏହାର ସମାଧାନ କରାଯାଉ ନଚେତ ଏ ବାବଦରେ ଭିଜିଲାନ୍ସରେ ମାମଲା ରୁଜୁ କରିବା ସହିତ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ରୁଜୁ କରିବାକୁ ଚେତାଇ ଦେଇଥିଲେ ।
- ❖ ବିବାହ ପଂଜୀକରଣ ନିମନ୍ତେ ଲୋକମାନେ ନିଗମ କାର୍ଯ୍ୟାଳୟକୁ ଆସୁଛନ୍ତି ଓ ଏ ବାବଦରେ ନିଗମକୁ ୧୫ ଶହ ଟଙ୍କା ଦେଇଥିବା ବେଳେ ସେମାନଙ୍କ ନିମନ୍ତେ ବସିବା ପାଇଁ ସ୍ଥାନ ନାହିଁ କିମ୍ବା ପାଣି ଗ୍ଲାସ ମଧ୍ୟ ଯୋଗାଇ ଦିଆଯାଉନାହିଁ । ତେଣୁ ଯଥାଶିଘ୍ର ଏହାର ସମାଧାନ କରାଯାଇ ସେମାନଙ୍କ ପାଇଁ ବସିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ କଟକ ସହର ଏକ ଗରିବ ସହର, ନିଗମ ଅଂଚଳରେ ମୌଳିକ ସେବାଆମେ ଯୋଗାଇ ଦେଇପାରୁନଥିବା ବେଳେ ଗୃହ ଟିକସ ଉପରେ ୧୦ ପ୍ରତିଶତ Penalty କେତେ ଦୁର ଯଥାର୍ଥ । ତେଣୁ ଉକ୍ତ ଜୋରିମାନା କମ୍ କରାଯିବାକୁ ଦାବି ଉପସ୍ଥାପନା କରିଥିଲେ ।

**ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧ :**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଯେଉଁମାନେ ଗୃହରେ ବର୍ଯ୍ୟବସ୍ତୁ ଟେଣ୍ଡରକୁ ବିରୋଧ କରୁଥିଲେ ଏବଂ ଭୁବନେଶ୍ୱର ମହାନଗର ନିଗମ ଠାରୁ ସଫେଇ ବାବଦରେ ଜାଗୃତି ସଂସ୍ଥା ଟନ୍ ପିଛା ଟ. ୬୪୬୯ ଟଙ୍କା ନେଉଥିବା ବେଳେ ଭୁଲତଥ୍ୟ ପ୍ରଦାନ କରି ଟ. ୩୫୦୦/-ଟଙ୍କା ନେଉଥିବାର ଗୃହକୁ ବିଭ୍ରାନ୍ତି କର ତଥ୍ୟ ପ୍ରଦାନ କରିଛନ୍ତି । ଆଜି ମାନ୍ୟବର ଉଚ୍ଚ

ନ୍ୟାୟାଳୟ ସେମାନଙ୍କ ମୁଖା ଖୋଲି ଦେଇଛନ୍ତି । ଭବିଷ୍ୟତରେ ଏଭଳି ଭୁଲ୍ ତଥ୍ୟ ପବିତ୍ର ଗୃହରେ ପ୍ରଦାନ ନକରିବା ପାଇଁ ସୂଚାଇଦେଇଥିଲେ । ମାନ୍ୟବର ମେୟର, ଡ଼େପୁଟି ମେୟରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବର୍ଯ୍ୟବସ୍ତୁ ଟେଣ୍ଡର କରାଯାଇଥିବା ବେଳେ ଗୃହକୁ ବଦନାମ କରିବା ପାଇଁ କିଛି ଲୋକ ଅପଚେଷ୍ଟା ଚଳାଇଥିବାରୁ ସେ ମାନଙ୍କୁ ନିନ୍ଦା କରିଥିଲେ ।

- ଉନ୍ନତି ଯୋଜନାରେ ୫୦ ଲକ୍ଷ ଟଙ୍କା ଅନୁଦାନରେ ପ୍ରତ୍ୟେକ ୱାର୍ଡ଼ରେ ଜନହିତକର କାର୍ଯ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଟକ ସହରରେ ଉନ୍ନତିମୂଳକ କାର୍ଯ୍ୟ ଚାଲୁରହିଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ କଟକ ସହରର ଉନ୍ନତି ପାଇଁ ସର୍ବଦା ଚେଷ୍ଟା ଜାରି ରଖିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

**<u>ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୧୮ :</u>**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ କଟକ ସହର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ କଣ କରୁଛନ୍ତି ତାହା କଟକ ସହରବାସୀ ଭଲଭାବେ ଜାଣନ୍ତି । କଟକ ସହର ଆଜି ସାରା ଭାରତ ବର୍ଷରେ ନିନ୍ଦିତ । ବିପର୍ଯ୍ୟସ୍ତ ପରିମଳ ସହ ଜଳ ନିଷ୍କାସନ ମଧ୍ୟ ହୋଇପାରୁନାହିଁ । ଜଣ୍ଡିସ ବ୍ୟାପିବାରେ ଲାଗିଛି ଏବଂ ସାରା ସହରରେ ଏବେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି ଏହା କଣ ମୁଖ୍ୟମନ୍ତ୍ରୀଙ୍କ କଟକ ସହରର ଉନ୍ନତି । ବର୍ଯ୍ୟବସ୍ତୁ ଟେଣ୍ଡରରେ ମହା ଦୁର୍ନୀତି ହୋଇଛି । ଆବଶ୍ୟକସ୍ଥଳେ ଏହାକୁ ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ ଦାଖଲ କରିବୁ ବୋଲି ପ୍ରକାଶ କରିଥିଲେ ।
- କଟକ ସହର ପାଇଁ ୩ ହଜାର ରାସନ କାର୍ଡ଼ ଚୟନ କରାଯାଇଥିବା ବେଳେ ଜିଲ୍ଲାପାଳଙ୍କୁ ପତ୍ରାଳାପ କରାଯାଇ ଅତିରିକ୍ତ ୫ ହଜାର ରାସନକାର୍ଡ଼ ପାଇଁ ଦାବି ଉପସ୍ଥାପନ କରାଗଲେ ବହୁ ଯୋଗ୍ୟ ହିତାଧିକାରୀ ରାସନ କାର୍ଡ଼ ପାଇପାରିବେ । କେନ୍ଦ୍ର ସରକାର ୨୬ ଲକ୍ଷ ନୂଆ କାର୍ଡ଼ ଓଡ଼ିଶା ପାଇଁ ଘୋଷଣା କରିଥିବାରୁ ଯଥାଶିଘ୍ର କଟକ ସହର ପାଇଁ ଅତିରିକ୍ତ ୫ ହଜାର ରାସନକାର୍ଡ଼ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୪ :</u>**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, କଟକ ସହରର ପରିମଳ ଅବସ୍ଥା ନକହିବା ଭଲ, କୁଢ କୁଢ ଅଳିଆ ୱାର୍ଡ଼ ମାନଙ୍କରେ ପଡ଼ିରହିଛି । ଗାଡ଼ି ନାହିଁ କି କୁଲି ଯୋଗାଇ ଦିଆଯାଉନାହିଁ । ଡ୍ରେନରୁ ପଙ୍କୋଉଦ୍ଧାର କାର୍ଯ୍ୟ ୩୦ ପ୍ରତିଶତ ହୋଇନାହିଁ । ବର୍ଷାଦିନ ଆସିଗଲାଣି କଟକ ସହର ଅବସ୍ଥା କ'ଣ ହେବ ସେ ସମ୍ବନ୍ଧରେ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ନିଗମ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଯାଇଛି । ବର୍ଯ୍ୟବସ୍ତୁ ଟେଣ୍ଡରରେ ବହୁ ଘୋଟାଲା ହୋଇଛି । ମୁଖମନ୍ତ୍ରୀଙ୍କ ନାମରେ ବାହା ବା ନିଆଯାଉଛି । କଟକ ସହର ପାଇଁ କଣ କରିଛନ୍ତି, ସାରା ଭାରତ ବର୍ଷରେ କଟକ ସହର ଆଜି ନିନ୍ଦିତ । ପରିଷଦ ଗଠନ ହେବାର ସାଢେ ୪ ବର୍ଷ ହୋଇଗଲାଣି । ଜଣ୍ଡିସକୁ ନିୟନ୍ତ୍ରଣ କରାଯାଇପାରିଲା ନାହିଁ । ବିଭିନ୍ନ ୱାର୍ଡ଼ରେ ଏବେ ଜଣ୍ଡିସ ବ୍ୟାପିବାରେ ଲାଗିଲାଣି ୱାର୍ଡ଼ରେ ପାଣି ପାଇପ ଫାଟି ଅପରିଷ୍କାର ନର୍ଦ୍ଦମାପାଣି ମିଶୁଛି ଏବଂ ଉକ୍ତ ପାଣିକୁ ଜନସାଧାରଣ

ପିଉଛନ୍ତି । ଏ ବାବଦରେ ଜନସ୍ୱାସ୍ଥ୍ୟ ବିଭାଗକୁ କହିଲେ କେହି କର୍ଣ୍ଣପାତ କରୁନାହାଁନ୍ତି, ତେଣୁ ଯଥାଶିଘ୍ର ଏ ଦିଗରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇ ସମସ୍ୟାକୁ ସମାଧାନ କରାଯିବା ସହିତ ବର୍ଷାଦିନ ପୁର୍ବରୁ ପଙ୍କୋଉଦ୍ଧାର କାର୍ଯ୍ୟ ଶେଷ କରାଯିବାକୁ  କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମ ଅଂଚଳରେ ପୁରୁଣା ଲାଇଟ ବାହାର କରାଯାଇ ନୂତନ ଭାବେ ଏଲିଡ଼ି ଲାଗିବା ପରେ ଲାଇଟ ଗୁଡ଼ିକ ଜଳୁନାହିଁ  । କମ୍ପାନି ନିମ୍ନମାନର ଲାଇଟ ଯୋଗାଇଛି । ଅଭିଯୋଗ କଲେ ଆୟୁକ୍ତ କହୁଛନ୍ତି କମ୍ପାନି ବୁଝୁଛି । ଆମେ କଣ କରିବୁ ଏହ କଣ ଯଥାର୍ଥ ଉତର । ଏଲ୍ଇଡ଼ି ଲଗାଉଥିବା କମ୍ପାନି ଉପରେ ନିଗମର କ'ଣ କର୍ତ୍ତୁତ୍ୱ ରହିବ ନାହିଁ । ଏଲଇଡ଼ି ଲାଇଟର ରକ୍ଷଣା ବେକ୍ଷଣ କରାଯାଉନାହିଁ, ତେଣୁ ଯଥାଶିଘ୍ର ଏହାର ପ୍ରତିକାର କରିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ସହରରେ ବୁଲା କୁକୁର ସମସ୍ୟା ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ  ଏଥିପାଇଁ ବହୁ ଦୁର୍ଘଟଣା ଘଟୁଥିବା ବେଳେ ଜନସାଧାରଣଙ୍କୁ ମଧ୍ୟ କୁକୁର କାମୁଡ଼ି ଦେଉଛନ୍ତି । ସେହିପରି ଘୁଷିରି ମାନଙ୍କ ପ୍ରାଦୁର୍ଭାବ ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଛି । ନିଗମ ପକ୍ଷରୁ ସେମାନଙ୍କର ଥଇଥାନ କାହିଁକି ସହର ବାହାରେ କରାଯାଉନାହିଁ । ସେହିପରି ସାରା ଭାରତ ବର୍ଷରେ ବର୍ତମାନ ନିପା ଭାଇରସ ଦ୍ୱାରା ବହୁ ଲୋକ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଥିବା ବେଳେ ସିଡ଼ିଏ ଅଂଚଳରେ ବହୁ ଘୁଷୁରୀ ଦେଖି ଲୋକମାନେ ଆତଙ୍କିତ । ତେଣୁ ଉପରୋକ୍ତ ମୌଳିକ ସମସ୍ୟା ଗୁଡ଼ିକର ଯଥାଶିଘ୍ର ପ୍ରତିକାର କରିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଉନ୍ନତି ଯୋଜନାରେ ନିଗମ ଅଂଚଳରେ ଉନ୍ନତିକରଣ ନିମନ୍ତେ କେତେ କୋଟି ଟଙ୍କା ଆସିଛି ଏବଂ ଉକ୍ତ  କାର୍ଯ୍ୟ କେଉଁଠାରେ କିଏ କରୁଛି ତାହାର ସମ୍ପୁର୍ଣ୍ଣ ତଥ୍ୟ କାହିଁକି ଗୃହରେ ପ୍ରକାଶ କରାଯାଉନାହିଁ । ଗୃହକୁ ଅନ୍ଧାରରେ  ରଖି କୌଣସି କାର୍ଯ୍ୟ ନକରାଯିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**<u>ଶ୍ରୀଯୁକ୍ତ ଚିରଂଜୟ ସାହୁ, ଅଧ୍ୟକ୍ଷ, ପବ୍ଲିକ ଓ୍ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି ବର୍ଯ୍ୟବସ୍ତୁ ପରିଚାଳନାର ଟେଣ୍ଡର ସମ୍ବନ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଉଚିତ୍ ନ୍ୟାୟ ପ୍ରଦାନ କରିଛନ୍ତି  ବୋଲି ମତବ୍ୟକ୍ତ କରିଥିଲେ । ସହରର ପରିମଳ ସୁଧାର ପାଇଁ କେତେକ ଓ୍ୱାର୍ଡ଼କୁ ଘରୋଇକରଣ ମାଧ୍ୟମରେ ବର୍ଯ୍ୟବସ୍ତୁ , ପରିମଳ ଓ ଆବର୍ଜନା ପରିବହନ ନିମନ୍ତେ ଟେଣ୍ଡର କରାଯାଇଥିଲା । ତାହାକୁ ଚକ୍ରାନ୍ତ କରି  କିଛି ଗୋଷ୍ଠି ମାନ୍ୟବର ଉଚ୍ଚ ନ୍ୟାୟାୟଳଙ୍କ ଦ୍ୱାରସ୍ଥ ହୋଇଥିଲେ । ପରବର୍ତୀ ସମୟରେ ମାନ୍ୟବର ଉଚ୍ଚନ୍ୟାୟାଳୟ ଏହାକୁ ଶୁଣାଣି କରି ଉଚିତ୍ ନ୍ୟାୟ ପ୍ରଦାନ କରିଥିବାରୁ ଯଥାଶିଘ୍ର ବର୍ଯ୍ୟବସ୍ତୁ , ପରିମଳ ଓ ଆବର୍ଜନା ପରିବହନ କାର୍ଯ୍ୟ ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସହରରେ ବର୍ତମାନ ମୁସଲମାନ ଭାଇ ଓ ଭଉଣୀମାନଙ୍କର ରମଜାନ ମାସ ଚାଲୁ ରହିଥିବାରୁ ସେଥିପାଇଁ ଅଭିନନ୍ଦନ ଜଣାଇବା ସହିତ ରମାଜନ ଉପଲକ୍ଷେ ଏକ ସ୍ୱତନ୍ତ୍ର ବୈଠକ କିଭଳି ମୁସଲମାନ ବହୁଳ ଅଂଚଳ, ବସ୍ତି ଏବଂ ମସ୍ଜିଦ୍ ଅଂଚଳରେ ଆଲୋକ, ପାଣି ଏବଂ ପରିମଳ ପ୍ରତି ପବିଶେଷ ଧ୍ୟାନ ଦିଆଯାଇ କାର୍ଯ୍ୟ କରାଯିବ ସେଥିପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା ଦୀର୍ଘ ୧୫ ଦିନ ବିତିଯାଇଥିଲେ ମଧ୍ୟ ସଠିକ ମୌଳକ ସୁବିଧା ଯୋଗାଇ  ଦିଆଯାଇପାରିଲା ନାହିଁ । ତେଣୁ ଉକ୍ତ ଅଂଚଳମାନଙ୍କୁ ଅତିରିକ୍ତ ୩ ଜଣ ଲେଖାଏଁ କୁଲୀ ଯୋଇଦେବା ସହିତ ଯୁଦ୍ଧକାଳୀନ ଭିତିରେ ଚୁନ, ବ୍ଲିଚିଂ ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮ :**

- ଆଲୋଚନାରେ ଅଂଶ ଗ୍ରହଣ କରି ଗୃହର ମଧ୍ୟ ଭାଗକୁ ଆସି କହିଥିଲେ ୱାର୍ଡ଼ର ବିଭିନ୍ନ ସମସ୍ୟା ଦୀର୍ଘ ୧ ବର୍ଷରୁ ଅଧିକ ଲାଗି ରହିଥିବାର ଅଭିଯୋଗ କରିଥିଲେ । କାହିଁକି ବାରମ୍ବାର ପରିଷଦ ବୈଠକରେ ଆଲୋଚନା କଲେ ମଧ୍ୟ ସମାଧାନ କରାଯାଇନାହିଁ ବୋଲି କ୍ଷୋଭର ସହ ପ୍ରକାଶ କରିଥିଲେ । ସେହିପରି ପୋଲିସ କଲୋନୀ ଠାରେ ଦୀର୍ଘ ଦେଢ ବର୍ଷ ହେବ ପାଣି ଜମିରହୁଛି, ଏ ବାବଦରେ ଆଲୋଚନା କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ୱାର୍ଡ଼ରେ ଥିବା ବଡ଼ ବଡ଼ ଡ୍ରେନରୁ ସଠିକ୍ ଭାବେ ପଙ୍କୋଦ୍ଧାର କରାଯାଇନଥିବାରୁ ଆସନ୍ତା ବର୍ଷା ଦିନରେ ଘରେ ଘରେ ପାଣି ପଶିବ । ତେଣୁ ଯଥାଶିଘ୍ର ଏହାର ପ୍ରତିକାର କରାଯିବାକୁ ମାନ୍ୟବର ମେୟର ଏବଂ ଆୟୁକ୍ତ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ ।
- ଏଲ୍ଇଡ଼ି ଲାଇଟ ୱାର୍ଡ଼ରେ ଲଗାଇବା ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଦୁଃଖର ବିଷୟ ଲାଇଟ ଲଗାଯିବା ପରେ ଲାଇଟ ଗୁଡ଼ିକ ଜଳୁନାହିଁ । ଏ ବିଷୟରେ ଯନ୍ତ୍ରୀ କିମ୍ବା ଆୟୁକ୍ତଙ୍କ ନିକଟରେ ଅଭିଯୋଗ କଲେ ଉତର ମିଳୁଛି ଉକ୍ତ କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ କମ୍ପାନି ନେଇଛି, ଏଥିରେ ନିଗମ କିଛି କରିପାରିବ ନାହିଁ । କମ୍ପାନିକୁ ଜଣାଇଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ । ତେଣୁ ତୁରନ୍ତ ଲାଇଟ ସମସ୍ୟାର ସମାଧାନ କରାଯିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ତଳ ତେଲେଙ୍ଗା ବଜାର ଠାରେ ପାଣି ପାଇପ ସମସ୍ୟା ଗତ ପରିଷଦ ବୈଠକରେ ଉପସ୍ଥାପନ କରିଥିଲେ ମଧ୍ୟ କୌଣସି ସମାଧାନ କରାଗଲା ନାହିଁ । ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କାର ଅନୁଦାନରେ ବର୍ତମାନ ସୁଧା ୩୦ ପ୍ରତିଶତ କାର୍ଯ୍ୟ ସରିନାହିଁ । ବର୍ଷାଦିନ ଆସିଲାଣି ଆଉ କେବେ ସୁଦ୍ଧା ୭୦ ପ୍ରତିଶତ କାର୍ଯ୍ୟ ଶେଷ କରାଯିବ ସେ ସମ୍ବନ୍ଧରେ ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ସହରର ମୌଳିକ ସମସ୍ୟାକୁ ନିଗମ ସଠିକ ଭାବେ ଯୋଗାଇଦେଇ ପାରୁନଥିବାରୁ ସମସ୍ତ କଂଗ୍ରେସ କର୍ପୋରେଟର ମାନେ ଗୃହର ମଧ୍ୟ ଭାଗକୁ ଆସି ନାରାବାଜି ଦେଇଥିଲେ ।**

**ଶ୍ରୀଯୁକ୍ତ ରମଜାନ ଖାନ, କର୍ପୋରେଟର, ୱାର୍ଡ଼ ନଂ-୧୬ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଗତ ୧୭ ତାରିଖ ଦିନ ରମଜାନ ପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ବିଭିନ୍ନ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା ଦୀର୍ଘ ୧୫ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସହରରେ ଦଶହରା ଆସିବାର ଏକ ମାସ ପୂର୍ବରୁ ବୈଠକ ଡ଼କାଯାଇ ଏଥି ପାଇଁ ଅର୍ଥର ବ୍ୟବସ୍ଥା କରାଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ କରାଯାଇଥାଏ । ରମଜାନ ମାସ ପାଇଁ କାହିଁକି ଏକ ମାସ ପୂର୍ବରୁ ବୈଠକ କରାନଯାଇ ଗୋଟିଏ ଦିନ ପୂର୍ବରୁ କାହିଁକି ବୈଠକ କରାଗଲା ବୋଲି ପ୍ରଶ୍ନ କରିଥିଲେ । ବୈଠକର ନିଷ୍ପତି ଅନୁଯାୟୀ ପାନୀୟଜଳ ଯୋଗାଣ, ଚୂନ, ବ୍ଲିଚିଂ, ଡ଼ଷ୍ଟବିନ ଏବଂ କୁଲିର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା କିଛି ଫଳପ୍ରଦ କାର୍ଯ୍ୟ କରାଗଲା ନାହିଁ ଏବଂ ବୈଠକର ନିଷ୍ପତି ଅନୁଯାୟୀ ଅଧିକାରୀ, ଯନ୍ତ୍ରୀ ଏବଂ ଏସ୍.ଆଇ. ମାନେ କାର୍ଯ୍ୟ ତଦାରଖ କରିବା କଥା କିନ୍ତୁ କଣ ତଦାରଖ କରୁଥିଲେ ବୋଲି ତାହା ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

- ସେହିପରି ୱାର୍ଡ଼ରେ ମୁଁ ନିଜେ କୁଲି ଲଗାଇ କାର୍ଯ୍ୟ କରିପାରୁନଥିବା ବେଳେ ମହିଳା କର୍ପୋରେଟର ମାନେ କିପରି କୁଲି ଲଗାଇ କାର୍ଯ୍ୟ କରିପାରିବେ ଏଥିପତି ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ସୁତାହାଟ, ଓଡ଼ିଆ ବଜାର, ଖଟବିନ ସାହି ଆଦି ଅଂଚଳରେ ଦୁଇ ଓଳି ସଫେଇ କରାଯାଉନାହିଁ କିମ୍ବା ଚୁନ ଏବଂ ବ୍ଲିଚିଂ ପକାଯାଉନାହିଁ । ୱାର୍ଡ଼ରେ କୁଢ କୁଢ ଅଳିଆ ଗଦା ହୋଇରହୁଛି । କଟକ ସହରରେ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ଆସିଲେ ରାତା ରାତି କିଭଳି ଭାବେ କୁଲି ମିଳିଯାଇ ସଫେଇ କାର୍ଯ୍ୟ କରାଯାଉଛି । ୱାର୍ଡ଼କୁ ୮ ଦିନ ହେବ କୁଲି ଆସୁନାହାଁନ୍ତି, ତେଣୁ ଯଥାଶିଘ୍ର ଏହାର ପ୍ରତିକାର କରାଯିବାକୁ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ୩୩ ଗୋଟି ମୁସଲମାନ ବହୁଳ ଅଂଚଳର ସଫେଇ ଦାୟୀତ୍ୱ କାହା ଉପରେ ନ୍ୟସ୍ତ କରାଯାଇଛି, ରମଜାନ ମାସ ଆଉ ୧୫ ଦିନ ମଧ୍ୟରେ ସରିବା ପୁର୍ବରୁ ଅନ୍ତତଃ ସଫେଇ କାର୍ଯ୍ୟ କରାଗଲେ ପବିତ୍ର ମାସରେ ଲୋକମାନେ ଆଶ୍ୱସ୍ତି ପ୍ରକାଶ କରିବେ ବୋଲି ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ଏଲଇଡ଼ି ଲାଇଟ କଥା ନକହିବା ଭଲ, ସହରରେ ବର୍ତମାନ ୬୦ ପ୍ରତଶତ ଏଲ୍ଇଡ଼ି ଖରାପ ହୋଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ କିଏ କରିବ । ସେହିପରି ପଙ୍କୋଉଦ୍ଧାର କାର୍ଯ୍ୟ କେବେ ସୁଦ୍ଧା ସରିବ, ଆଉମାତ୍ର କିଛିଦିନ ପରେ ବର୍ଷାଦିନ ଆସିଗଲେ ସହରର ସମସ୍ୟା ଶୋଚନୀୟ ହୋଇ ପଡ଼ିବ । ବର୍ଷାଦିନକୁ ଦୃଷ୍ଟିରେ ରଖାଯାଇ ପମ୍ପ ଗୁଡ଼ିକ ମରାମତି କରାଯାଇ ମହଜୁଦ ରଖାଯିବା ସହିତ ଯଥାଶିଘ୍ର ପଙ୍କୋଉଦ୍ଧାର କାର୍ଯ୍ୟ ଶେଷ କରାଯିବାକୁ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**<u>ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :</u>**

- ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ, ରମଜାନ ପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ବିଭିନ୍ନ ନିଷ୍ପତି ଗ୍ରହଣ କରାଯାଇଥିଲା । ବୈଠକର ନିଷ୍ପତି ଅନୁଯାୟୀ ପାନୀୟଜଳ ଯୋଗାଣ, ଚୁନ, ବ୍ଲିଚିଂ, ଡ଼ଷ୍ଟବିନ ଏବଂ କୁଲିର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ କରାଗଲା ନାହିଁ । ୱାର୍ଡ଼କୁ କୁଲି ଯୋଗାଇଦିଆଗଲା ନାହିଁ କିମ୍ବା ଅନ୍ୟ କୌଣସି କାର୍ଯ୍ୟ କରାଗଲା ନାହିଁ । ତେଣୁ ବୈଠକ କରି କିଛି ଲାଭ ମିଳିଲା ନାହିଁ । ଏଥିପାଇଁ କିଏ ଦାୟୀ ଓ କୈଫତ କିଏ ଦେବ ବୋଲି ମାନ୍ୟବର ମେୟର ତଥା ଆୟୁକ୍ତଙ୍କୁ ପ୍ରଶ୍ନ କରିଥିଲେ ।
- ଚଳିତ କାଉନସିଲ ସାଢେ ୪ ବର୍ଷ ହେଲା ଗଠନ ହେବା ଠାରୁ ବୈଠକରେ କେବଳ ହୋ ହାଲାରେ ସମୟ ଅପଚୟ କରାଯାଉଛି । କୌଣସି ଗଠନ ମୂଳକ କାର୍ଯ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇପାରୁନାହିଁ । ଆଉ କିଛି ମାସ ହାତରେ ଥିବା ବେଳେ ଏହି ସମୟ ମଧ୍ୟରେ ବିଭିନ୍ନ ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଗଲେ, ଜନସାଧାରଣ ମନେ ପକାଇବେ ନଚେତ୍ ଆମେ ଯିବା ପରେ ଗାଳିଦେବେ ବୋଲି ସୂଚାଇଦେଇଥିଲେ ।
- ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ବିରୁଦ୍ଧରେ କରାଯାଇଥିବା ମକଦ୍ଦମାକୁ ବିଚାରକରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଯେଉଁ ନ୍ୟାୟ ପ୍ରଦାନ କରିଛନ୍ତି ସେଥିରେ ସତ୍ୟର ଜୟ ହୋଇଛି । ଆସନ୍ତା ୧୫ ଦିନ ମଧ୍ୟରେ ବର୍ଷାଦିନ ଆସିଯିବ । ଜଳ ନିଷ୍କାସନ ନିମନ୍ତେ ନିଗମରେ ମହଜୁଦ୍ ଥିବା ପମ୍ପ ଗୁଡ଼ିର ମରାମତି କରାଯାଇ ମହଜୁଦ ରଖିବା ନିମନ୍ତେ ପ୍ରସ୍ତାବ ଦେଥିଲେ ।
- ସହରରେ ଏଲିଡ଼ି କାର୍ଯ୍ୟକ୍ରମ କେତେ ପ୍ରତିଶତ ସରିଛି ଏବଂ କେତେ ପ୍ରତିଶତ ବକେୟା ରହିଛି ତାହା ଗୃହରେ ପ୍ରକାଶ କରାଯାଉ । ବିଭିନ୍ନ ୱାର୍ଡ଼ରେ ଲଗାଯାଇଥିବା ଏଲ୍ଇଡ଼ି ଲାଇଟ ଗୁଡ଼ିକ

ଜଳୁନଥିବାର ବହୁ ଅଭିଯୋଗ ଆସୁଥିବାରୁ ସେ ଗୁଡ଼ିକର ରକ୍ଷଣା ବେକ୍ଷଣ ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଅବଗତ କରାଯାଉ । ଉକ୍ତ ସମସ୍ୟାର ସମାଧାନ ପାଇଁ ବୈଦ୍ୟୁତିକ ବିଭାଗ ସହିତ ସମ୍ପୃକ୍ତ କର୍ପୋରେଟରମାନଙ୍କୁ ନେଇ ଏକ ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ବୈଦ୍ୟୁତିକ ବିଭାଗରେ କାର୍ଯ୍ୟ କରୁଥିବା ସମୟରେ ୨ ଜଣ କର୍ମଚାରୀ ମୃତ୍ୟୁ ବରଣ କରିଥିବାରୁ ସେମାନଙ୍କ ପରିବାରକୁ କ୍ଷତିପୁରଣ ଦେବା ସହ ଥଇଥାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମରେ ନାଳକୁଲି ମାନଙ୍କୁ ବୁଟ, ଜାକେଟ ଯୋଗାଇଦେବା ସହିତ ବୈଦ୍ୟୁତିକ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ବୁଟ, ଗ୍ଲୋବ୍ସ ଆଦି ଆନୁସାଙ୍ଗୀକ ଉପକରଣ ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ବ୍ୟକ୍ତିଗତ ଶୌଚାଳୟ **(Individual Toilet )**ନିର୍ମାଣ କରାଯିବା ନିମନ୍ତେ ଅନେକ ହିତାଧିକାରୀ ଆବେଦନ କରିଥିଲେ ମଧ୍ୟ ସେ ଗୁଡ଼ିକ ତର୍ଜମା କରାଯାଇ ଚୟନ କରାଯାଇଥିବା ହିତାଧିକାରମାନଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ୨ ହଜାର ଟଙ୍କା ପ୍ରଦାନ କରାଯିବା ପରେ ଅବଶିଷ୍ଟ ଅର୍ଥ ପ୍ରଦାନ କରାଯାଇନାହିଁ । ଫଳରେ ହିତାଧିକାରୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏ ନେଇ ବାରମ୍ବାର ପରିଷଦ ବୈଠକରେ ଆଲୋଚନା କରାଗଲେ ମଧ୍ୟ କୌଣସି ସମାଧାନ କରାଯାଇନାହିଁ । ପରବର୍ତି ସମୟରେ ଆବେଦନ କରିଥିବା ହିତାଧିକାରୀମାନେ ସମସ୍ତ ଅର୍ଥ ପାଇସାରିଲେଣି । ତେଣୁ ଯଥାଶିଘ୍ର ଉକ୍ତ ଘଟଣାକୁ ଅନୁଧାନ କରାଯାଇ ସମାଧାନର ସୁତ୍ର ବାହାର କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଭତା ନିମେନ୍ତ ଆବେଦନ କରିଥିବା ହିତାଧିକାରମାନଙ୍କ ଆବେଦନ ପତ୍ରକୁ ଯଥାଶିଘ୍ର ଯାଂଚ କରାଯାଇ ଭତା ପ୍ରଦାନ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସହର ପ୍ରସିଦ୍ଧ ଶୈବପୀଠ ଗଡ଼ଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ୩ ଫୁଟର ପାଣି ଚାଲୁଥିବାରୁ ସେଠାରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନାହିଁ ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଅଛି । ତେଣୁ ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯାଇ ତୁରନ୍ତ ଡ୍ରେନେଜ ବ୍ୟବସ୍ଥା କରାଯିବା ସହିତ ଜଳ ନିଷ୍କାସନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ପାନୀୟ ଜଳ ବିଭିନ୍ନ ସ୍ଥାନରେ ଜାଇକା କାର୍ଯ୍ୟ ଦ୍ୱାରା ପାଇପ ଫାଟି ମଇଳା ପାଣି ପାଇପ ମଧ୍ୟରେ ପଶୁ ଥିବାରୁ ଯାହାକୁ ଲୋକମାନେ ପିଇବା ଦ୍ୱାରା ଜଣ୍ଡିସରେ ଆକ୍ରାନ୍ତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖାଯାଇ ଜନସ୍ୱାସ୍ଥ୍ୟ ବିଭାଗ ଓ ଜାଇକା କର୍ତୃପକ୍ଷଙ୍କ ସହିତ ମିଳିତ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସହରରେ ଶୁଦ୍ଧିକ୍ରିୟା ନିମନ୍ତେ ଲୋକମାନେ ନାନା ସମସ୍ୟାର ସମ୍ମୁଖିନ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖାଯାଇ ରାଜ୍ୟ ସରକାରଙ୍କୁ ପତ୍ରାଳାପ କରାଯାଇ ମହାନଦୀ ଓ କାଠଯୋଡ଼ି ୨ ପାର୍ଶ୍ୱରେ ଦୁଇ ଗୋଟି ଜାଗା ଚିହ୍ନଟ କରାଯାଇ ତୁଠ ନିର୍ମାଣ କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବିବାହ ପଂଜୀକରଣ ନିମନ୍ତେ ଲୋକମାନେ ନିଗମ କାର୍ଯ୍ୟାଳୟକୁ ପ୍ରତ୍ୟେହ ଆସୁଛନ୍ତି ଓ ଏ ବାବଦରେ ନିଗମକୁ ଦେୟ ମଧ୍ୟ ପ୍ରଦାନ କରୁଛନ୍ତି । ସେମାନଙ୍କ ନିମନ୍ତେ ବସିବା ପାଇଁ ସ୍ଥାନ

ନାହିଁ କିମ୍ବା ପାଣି ଗ୍ଲାସ ମଧ୍ୟ ଦିଆଯାଉନାହିଁ । ତେଣୁ ଯଥାଶିଘ୍ର ଏହାର ସମାଧାନ କରାଯାଇ ସେମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ ନଂ-୪୦ :</u>**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ମୁସଲମାନ ଭାଇ ଭଉଣୀ ମାନଙ୍କ ନିମନ୍ତେ ରମଜାନ ମାସ ପାଇଁ ଗତ ୧୭ ତାରିଖ ଦିନ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ବିଭିନ୍ନ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ୍ୟ ଦୀର୍ଘ ୧୫ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ତେବେ ଇଦ୍‌ପର୍ବ ଆଉ ୧୫ ଦିନ ଥିବାରୁ ଉକ୍ତ ମୌଳିକ ସୁବିଧା ଗୁଡ଼ିକ ଯୋଗାଇଦେବା ପାଇଁ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଯୋବ୍ରାସ୍ଥିତ ନିଗମର ସ୍ଲମ କ୍ୱାଟର ବିଷୟରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ମହୋଦୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ଆଇନାନୁଯାୟୀ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରସ୍ତାବ ନିଗମକୁ କ'ଣ ପ୍ରାପ୍ତ ହୋଇଛି ତାହାକୁ ଗୃହରେ କାହିଁକି ଅବଗତ କରାଯାଉନାହିଁ । ନ୍ୟାୟାଳୟଙ୍କ ନିର୍ଦ୍ଦେଶ ତଥା ରାଜ୍ୟ ସରକାରଙ୍କ ନୀୟମାବଳୀ ଅନୁଯାୟୀ ଯେଉଁ ହିତାଧିକାରୀମାନେ କ୍ୱାଟର ପାଇବା ପାଇଁ ଯୋଗ୍ୟ ସେମାନଙ୍କୁ ଚିହ୍ନଟ କରାଯାଇ ଗୃହ ଯୋଗାଇଦେବା ନିମନ୍ତେ ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ଏ ବାବଦରେ ଗୃହକୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ ନକରିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ବର୍ଯ୍ୟବସ୍ତୁ ଟେଣ୍ଡର ସମ୍ବନ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଯାହା ଆଦେଶ ପ୍ରଦାନ କରିଛନ୍ତି ତାହା ସ୍ୱାଗତ ଯୋଗ୍ୟ କିନ୍ତୁ ପରିମଳର ସୁଧାର ଅଣାଯିବା ନିମନ୍ତେ **M/s Metro West Handing Pvt. Ltd., Delhi** ଙ୍କ ସହିତ ଚୁକ୍ତିପତ୍ର ଅନୁସାରେ କିଭଳି ସଫେଇ କରଣ କରାଯିବ ତାହାର ସବିଶେଷ ବିବରଣୀ ସହ ଉକ୍ତ ସଂସ୍ଥାର ଚୁକ୍ତିପତ୍ର ନିଗମର ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ପ୍ରସ୍ତାବ ସହ ଏ ବାବଦରେ ଏକ ସ୍ୱତନ୍ତ୍ର ବୈଠକରେ କରାଯାଇ ଆଲୋଚନା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ନିଗମରେ କାର୍ଯ୍ୟରତ ଅବସ୍ଥାରେ ଦୁଇଜଣ କର୍ମଚାରୀ ମୃତ୍ୟୁବରଣ କିଛନ୍ତି, ସେଥିମଧ୍ୟରୁ ଜଣଙ୍କ ନାମ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବିବରଣୀରେ ପ୍ରକାଶ ପାଇଥିବା ବେଳେ ଅନ୍ୟଜଣଙ୍କ ନାମ କାହିଁକି ପ୍ରକାଶ ପାଇଲା ନାହିଁ । ଆମ ପାଇଁ ସମସ୍ତ କର୍ମଚାରରୀ ସମାନ, କିନ୍ତୁ ଜଣେ ୰ କାମଦେବ ପାଇକରାୟଙ୍କର ପରିବାରରୁ ଜଣଙ୍କୁ ଥଇଥାନ କରାଯିବା ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିବା ବେଳେ ୰ ପ୍ରମୋଦ କୁମାର ନାୟକଙ୍କ ପରିବାରରୁ ଜଣଙ୍କୁ ଥଇଥାନ କରାଯିବା ନିମନ୍ତେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଏତଦ୍‌ବ୍ୟତୀତ ଉଭୟଙ୍କୁ କଣ କ୍ଷତି ପୁରଣ ଦିଆଯାଇଛି ତାହା ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।
- କ୍ଷେତ୍ରରେ କାର୍ଯ୍ୟକରୁଥିବା ନିଗମର କର୍ମଚାରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ଆବଶ୍ୟକୀୟ ଉପକରଣ ଯୋଗାଇଦେବା ସହିତ ଇପିଏଫ ଏବଂ ଇଏସ୍‌ଆଇ ସୁବିଧା ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ବୈଦ୍ୟୁତିକ କାର୍ଯ୍ୟ ପାଇଁ ପୁର୍ବରୁ ବ୍ୟବହାର ହୋଇଆସୁଥିବା ବାଉଁଶ ସିଡ଼ି ବ୍ୟବହାର ଦ୍ୱାରା ରାସ୍ତାଘାଟରେ ଟ୍ରାଫିକ ଜାମ ହେବା ସହ ଦୁର୍ଘଟଣା ହେବା ସହ କର୍ମଚାରୀଙ୍କ ପାଇଁ ଏହା କଷ୍ଟ ସାଧ୍ୟ ହେଉଥିବାରୁ ଏହାକୁ ପରିବର୍ତ୍ତନ କରାଯାଇ ଯାନ୍ତ୍ରୀକ ଉପାୟରେ ଅନ୍ୟ ସିଡ଼ିର ବ୍ୟବସ୍ଥା କରାଯାଇ ବୈଦ୍ୟୁତିକ କାର୍ଯ୍ୟରେ ବ୍ୟବହାର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଅନ୍ଦରପୁର ଏବଂ ତଅଁଳାସାହି ଠାରେ ନିର୍ମିତ ହୋଇଥିବା ଗୃହ ଗୁଡ଼ିକ ବସ୍ତି ବାସିନ୍ଦାଙ୍କୁ ଆବଣ୍ଟନ ସମ୍ବନ୍ଧରେ ଗୃହରେ ତଥ୍ୟ ରଖାଯିବା ସହିତ ରାଜ୍ୟ ସରକାରଙ୍କ ବସ୍ତି ଥଇଥାନ ଯୋଜନାର ପୁଙ୍ଖାନୁପୁଙ୍ଖ ତଥ୍ୟ ଗୃହରେ ଉପସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ପାରୁଲ ଜୟସ୍ୱାଲ, କର୍ପୋରେଟର, ୱାର୍ଡ଼ ନଂ-୨୫ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରମଜାନ ମାସ ମୁସଲମାନ ଭାଇ ଭଉଣୀ ମାନଙ୍କର ସବୁଠାରୁ ବଡ଼ ପର୍ବ । ଏହି ପବିତ୍ର ଧର୍ମ ମାସରେ ପ୍ରତ୍ୟେକ ମୁସଲମାନ ଧର୍ମାବଲମ୍ବୀ ଲୋକମାନେ ମସ୍‌ଜିଦ୍‌କୁ ଯାଇ ନମାଜପାଠ କରିଥାନ୍ତି । ତେଣୁ ମୌଳିକ ସେବା ଯୋଗଇଦେବା ଆମ ସମସ୍ତଙ୍କ ଦାୟୀତ୍ୱ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯାଇଥିଲା କିନ୍ତୁ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ କୌଣସି କାର୍ଯ୍ୟ କରାଗଲାନାହିଁ କିମ୍ବା ଚୁନ୍ ବ୍ଲିଚିଙ୍ଗ ପକାଗଲା ନାହିଁ । ଦୁଇଓଳି ସଫେଇ ମଧ୍ୟ କରାଗଲା ନାହିଁ । ୱାର୍ଡ଼ରେ ଏଲ୍‌ଇଡ଼ି ଲାଇଟ ଜଳୁନଥିବା ବେଳେ ପାନୀୟ ଜଳ ଯୋଗାଇ ଦିଆଯାଉନାହିଁ । ରମଜାନ ମାସ ୧୫ ଦିନ ବିତିଯାଇବେଳେ କୁଲି ଅଭାବ ଦର୍ଶାଯାଉଛି । ତେଣୁ ଦୁଇଦିନ ପରେ କୁଲି କେଉଁଠାରୁ ଆସିବେ ଗୃହରେ ଜବାବ ରଖିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, କର୍ପୋରେଟର, ୱାର୍ଡ଼ ନଂ-୩୫ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ ଦାୟୀତ୍ୱରେ ଥିବା ସାନୀଟେରୀ ଇନ୍ସପେକ୍ଟର ଶ୍ରୀ ବିଜୟ ପାତ୍ର କାର୍ଯ୍ୟରେ ସହଯୋଗ କରୁନାହାଁନ୍ତି ବୋଲି ଏକ ମାସ ପୂର୍ବରୁ ଶ୍ରୀ ପାତ୍ରଙ୍କୁ ୱାର୍ଡ଼ରୁ ବଦଳୀ କରାଯିବାକୁ ପ୍ରସ୍ତାବ ଉପସ୍ଥାପନ କରିଥିବା ବେଳେ କାହିଁକି ବଦଳୀ କରାଗଲା ନାହିଁ । ୩ ଦିନ ତଳେ ଶ୍ରୀ ପାତ୍ର ମୋତେ ଧମକ ଦେଉଛନ୍ତି ଯେ କାଉନସିଲରେ ଆପଣ ଅଭିଯୋଗ କଲେ ମୁଁ ମଧ୍ୟ ଅଭିଯୋଗ କରିପାରିବି । ଏ ଭଳି ଧମକ ଦେବା କେତେ ଦୁର ଯଥାର୍ଥ ତାହାର ଉତର ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ବଡ଼ମେଡ଼ିକାଲ ସମ୍ମୁଖ ଭାଗରେ ଭଠାଦେକାନୀ ମାନଙ୍କ ଦ୍ୱାରା ଡ୍ରେନ ଅବରୋଧ କରାଯାଉଛି । ଯାହାଫଳରେ ଉକ୍ତ ଅଂଚଳରୁ ଜଳ ନିଷ୍କାସନ ହୋଇପାରୁନାହିଁ । ତେଣୁ ଉକ୍ତ ଅଂଚଳରୁ ଉଠାଦୋକାନୀମାନଙ୍କୁ ଉଛେଦ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧ୍ୟକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରମଜାନ ମାସ ଉପଲକ୍ଷେ ଅତିରିକ୍ତ ୩ ଜଣ କୁଲୀ ଯୋଗାଇଦେବା ନିମନ୍ତେ ସ୍ୱତନ୍ତ୍ର ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଯଦିଓ କୁଲି ଅଭାବ ପରିଲକ୍ଷିତ ହେଉଅଛି ତେବେ ୩ ଜଣ ବଦଳରେ ୨ ଜଣ ଲେଖାଏଁ କୁଲି ଯୋଗାଇ ଦେବା ନିମନ୍ତେ ପରାମର୍ଶ ଦେଇଥିଲେ ।

❖ ଗତ ୨୦୦୮ ଏବଂ ୨୦୦୯ ମସିହାରେ ନିଗମର କେତେକ ଅଂଚଳରେ ଜଣ୍ଡିସ ବ୍ୟାପିଥିଲା । ସେତେବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ଆୟୁକ୍ତ ଏବଂ କର୍ପୋରେଟରମାନେ ସଂକ୍ରମଣ ଅଂଚଳ ପରିଦର୍ଶନ କରିବା ପରେ ଜାଣିବାକୁ ପାଇଥିଲେ କେତେକ ସ୍ଥାନରେ ପାଇପ ଫାଠି ନର୍ଦ୍ଦମା ପାଣି ଉକ୍ତ ପାଇପ ମଧ୍ୟରେ ଯାଇ ଅପରିଷ୍କାର ମଇଳା ପାଣି ପିଇବା ତଥା ସ୍ଲମ କ୍ୱାଟର ନିକଟରେ ପାଇଖାନା ଟାଙ୍କି ପାଖରେ ପାଣି ପାଇପ ଯାଇଥିବାରୁ ଅପରିଷ୍କାର ଜଳ ପିଇବା ଦ୍ୱାରା ଜଣ୍ଡିସ, ଡ଼େଙ୍ଗୁ, ମ୍ୟାଲେରିଆ ଆଦି ରୋଗ ବ୍ୟାପୁଛି ତେଣୁ ଫଟା ପାଇପ ଗୁଡ଼ିକ ଯୁଦ୍ଧକାଳୀନ ଭିତିରେ ବଦଳାଯିବା ନିମନ୍ତେ ସଚିବ ନିର୍ଦ୍ଦେଶ ଦେଇଥିଲେ । ଫଟା ପାଇପ ଗୁଡ଼ିକ ମରାମତି ପରେ ମଧ୍ୟ ସଫା କରାଯାଉନାହିଁ । ଶ୍ରୀ ବିହାର କଲୋନୀରେ ମଧ୍ୟ ୬

ଥର ପାଇପ ଫାଟିଛି । ତେଣୁ ଜଣ୍ଡିସ ବ୍ୟାପିବା ପୁର୍ବରୁ ଯଥାଶିଘ୍ର ପାଇପ ଗୁଡ଼ିକ ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବୈଦ୍ୟୁତିକ କାର୍ଯ୍ୟ କରୁଥିବା ଅବସ୍ଥାରେ ୨ ଜଣ କର୍ମଚାରୀଙ୍କ ମୃତ୍ୟୁ ହେଲା କିନ୍ତୁ ସେମାନଙ୍କୁ କ୍ଷତି ପୁରଣ ପ୍ରଦାନ କରାଗଲା ନାହିଁ । ତେଣୁ ନିଗମର ୨୮୪ ଜଣ ଅସ୍ଥାୟୀ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖିଯାଇ ଆବଶ୍ୟକୀୟ ଉପକରଣ ଯୋଇଦେବା ସହିତ ନ୍ତ **Labour Act** ଅନୁଯାୟୀ **EPF, ESI and Insurance** ରେ ଅର୍ନ୍ତଭୂକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଆସନ୍ତା ସ୍ୱାୟତ ଶାସନ ଦିବସକୁ ଦୃଷ୍ଟରେ ରଖାଯାଇ ଚଳିତ ମାସ ୧୫ ତାରିଖ ସୁଦ୍ଧା ସମସ୍ତ କର୍ପୋରେଟରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଅଗଷ୍ଟ ୩୧ ତାରିଖରେ ଉଦ୍‌ଘାଟନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବିଭିନ୍ନ କାର୍ଯ୍ୟରେ **L1** ହୋଇଥିବା ଠିକାଦାରମାନେ କାର୍ଯ୍ୟାଦେଶ ପ୍ରାପ୍ତ ହେବା ପରେ ଯଦି ୭ ଦିନ ମଧ୍ୟରେ କାର୍ଯ୍ୟାରମ୍ଭ ନକରନ୍ତି ତେବେ ସେମାନଙ୍କ କାର୍ଯ୍ୟାଦେଶକୁ ନାକଚ କରାଯାଇ ପୁନଃ ଟେଣ୍ଡର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ବିଭିନ୍ନ ୱାର୍ଡ଼ରେ ଜାଇକା କାର୍ଯ୍ୟ କରୁଥିବା ବେଳେ ଉକ୍ତ କାର୍ଯ୍ୟର ଅନୁଧ୍ୟାନ କରାଯାଉନାହିଁ । ଗୋଟିଏ ଗୋଟିଏ ରାସ୍ତାର କାର୍ଯ୍ୟ ୩ ବର୍ଷ ଧରି ସମାପନ ହୋଇପାରୁନାହିଁ । ତେଣୁ ଜାଇକା କାର୍ଯ୍ୟର ତର୍ଜମା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ପଙ୍କୋଉଦ୍ଧାର କାର୍ଯ୍ୟର ତଦାରଖ କରିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲେ ସୁଦ୍ଧା ନଗର ଯନ୍ତ୍ରୀ କିମ୍ବା କନିଷ୍ଠ ଯନ୍ତ୍ରୀ ଏବଂ ପରିମଳ ନିରୀକ୍ଷକ ମାନେ ତଦାରଖ କରୁନାହାଁନ୍ତି । ଖଟବିନସାହି କଲର୍ଭଟ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ କରାନଗଲେ ୫/୬ ଗୋଟି ୱାର୍ଡ଼ରେ ଜଳ ନିଷ୍କାସନ ହୋଇପାରିବ ନାହିଁ । ତେଣୁ ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇ ଯଥାଶିଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମରେ ୩ ବର୍ଷରୁ ଉର୍ଦ୍ଧ ସମୟ ଧରି କିରାଣୀ ମାନେ ଗୋଟିଏ ସିଟ୍‌ରେ କାର୍ଯ୍ୟ କରିଆସୁଥିବାରୁ, ସେମାନଙ୍କ ବଦଳୀ ନିମନ୍ତେ ବାରମ୍ବାର ଗୃହରେ ଦାବି ଉପସ୍ଥାପନ କରାଗଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଯଥାଶିଘ୍ର ଏହାକୁ କାର୍ଯ୍ୟକାରୀ କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମର ପରୀସାମା ବୃଦ୍ଧି ହୋଇଥିବା ବେଳେ ୱାର୍ଡ଼ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି, କିନ୍ତୁ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇନଥିବାରୁ **Sanctioned Post** ଯାହା ଅଛି ତାହାକୁ ମଧ୍ୟ ପୁରଣ କରାଯାଉନାହିଁ । ଯନ୍ତ୍ରୀ ବିଭାଗରେ ୨ ଗୋଟି ଅତିରିକ୍ତ ଯନ୍ତ୍ରୀ ଏବଂ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ଖାଲିଥିବାରୁ ଯଥାଶିଘ୍ର ରାଜ୍ୟସରକାରଙ୍କୁ ପତ୍ରାଳାପ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ରାସନକାର୍ଡ଼ ପକ୍ରିୟାରେ କାଟିବା ଯୋଡ଼ିବା ଏକ ପକ୍ରିୟା କିନ୍ତୁ ମୃତ୍ୟୁ ବରଣ କିମ୍ବା ବିବାହ ହେଲେ ସେମାନଙ୍କ ନାମ ରେସନ କାର୍ଡ଼ରୁ ବାଦ ଦେବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ସହିତ ନୂତନ ଭାବେ ଆବେଦନ କରୁଥିବା ଯୋଗ୍ୟ ହିତାଧିକାରମାନଙ୍କୁ ଅର୍ନ୍ତଭୂକ୍ତ କରାଯିବାକୁ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ବର୍ତ୍ତମାନ ଜଣ୍ଡିସ ଆକ୍ରାନ୍ତ ହୋଇଥିବା ଅଂଚଳରେ ଜନସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳ ବ୍ୟବହାରକୁ ବନ୍ଦ କରାଯାଇ ବିକଳ୍ପ ବ୍ୟବସ୍ଥା କରାଯିବା ପାଇପ ସଫେଇ କରାଯାଇ ଜଳ ଯୋଗାଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ **Individual Toilet** ପଇସା ହିତାଧିକାରିମାନେ ପାଇନଥିବାରୁ ଯଥାଶିଘ୍ର ସେମାନଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ଜାଇକା କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଛି, ଯେଉଁଠାରେ କାର୍ଯ୍ୟ ଆରମ୍ଭ କରୁଛନ୍ତି ଉକ୍ତ କାର୍ଯ୍ୟକୁ ସମାପ୍ତ ନକରି ଅନ୍ୟତ୍ର ଶ୍ରୀ ବିହାର କଲୋନୀ ଠାରେ ଏକ ବର୍ଷ ପୁର୍ବରୁ ଜାଇକା କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ୍ୟ ଏଯାବତ୍ ଶେଷ କରାଯାଇନାହିଁ । ସେଥିପାଇଁ ଆୟୁକ୍ତ ଜାଇକା କର୍ତ୍ତୃପକ୍ଷଙ୍କୁ ପତ୍ରାଳାପ କରିବା ସହିତ ଉକ୍ତ କାର୍ଯ୍ୟକୁ ଯଥାଶିଘ୍ର ଶେଷ କରିବା ନିମନ୍ତେ ମତବ୍ୟକ୍ତ କରିଥିଲେ ।

**ଶ୍ରୀଯୁକ୍ତ ଚିତ ରଂଜନ ଦାସ, କର୍ପୋରେଟର, ୱାର୍ଡ଼ ନଂ-୦୧:**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୨୦୧୬ ମସିହାରେ ୨୦ ଲକ୍ଷ ଟଙ୍କାର ଅନୁଦାନରେ ୬ ଗୋଟି କାର୍ଯ୍ୟ ସରିଥିବା ବେଳେ ୫୦ ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ ପୁର୍ନବାର ସେହି କାର୍ଯ୍ୟ ନିମନ୍ତେ ଟେଣ୍ଡର କରାଗଲା ଏବଂ କେଉଁ ଯନ୍ତ୍ରୀ ଉକ୍ତ ପ୍ରସ୍ତାବକୁ ଆଗତ କରିଛନ୍ତି ତାହାର ଉତର ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ଶ୍ରୀଯୁକ୍ତ ଜ୍ଞାନ ରଂଜନ ସାଇଁ, କର୍ପୋରେଟର, ୱାର୍ଡ଼ ନଂ-୧୦ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ବର୍ତ୍ତମାନ ସୁଦ୍ଧା ୫୦ ଜଣ ଲୋକ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେବା ପରେ ନିଗମର ଅଧିକାରୀ ୱାର୍ଡ଼ ପରିଦର୍ଶନ କରିଥିଲେ । ସେତେବେଳେ ଅପରିଷ୍କାର ପାଣି ଲୋକମାନେ ଦେଖାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ରେ ଶୌଚାଳୟ ନିର୍ମାଣ କରାଯାଇଛି କିନ୍ତୁ ଟାଙ୍କି ନାହିଁ ଯାହା ଫଳରେ ଶୌଚାଳୟ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ, ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଜଣ୍ଡିସ ବ୍ୟାପିଥିବା ଅଂଚଳରେ ଯେଉଁ ଠାରେ ବୈଠକ କରାଯାଇଥିଲା । ସେଠାରେ ଏକ ମସ୍‌ଜିଦ୍ ଅଛି । ଉକ୍ତ ମସ୍‌ଜିଦ୍ ପାଖରେ ବର୍ଷାଦିନ ଭଳି ମଇଳା ପାଣି ଜମୁଛି । ମାନ୍ୟବର ଜିଲ୍ଲାପାଳ ମଧ୍ୟ ଉକ୍ତ ସ୍ଥାନ ପରିଦର୍ଶନ କରିବା ପରେ ଲୋକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଜଳନିଷ୍କାସନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ । ୱାର୍ଡ଼କୁ କୁଲି ଆସୁନାହଁନ୍ତି, ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ କିଭଳି ଲୋକମାନେ ମସ୍‌ଜିଦ୍‌କୁ ଆସି ପ୍ରାର୍ଥନା କରିବେ । ସେହିପରି ଡ୍ରେନ ଭାଙ୍ଗିଯିବା ଫଳରେ ନାଳରେ ମାଟି ଭର୍ତ୍ତି ହୋଇ ଜାମ ରହୁଛି । ତେଣୁ ତୁରନ୍ତ ଡ୍ରେନ ସଫେଇ କରାଯାଉ । ସଫେଇ, ପରିମଳ, ପାନୀୟଜଳ ଏବଂ ଲାଇଟର ବ୍ୟବସ୍ଥା ନିମନ୍ତେ ଗୋଟିଏ ଟିମ୍ ୱାର୍ଡ଼କୁ ପରିଦର୍ଶନ ଆସିଥିଲେ କିନ୍ତୁ କୌଣସି ସମସ୍ୟା ସମାଧାନ କରାଗଲା ନାହିଁ । ତେଣୁ ଉକ୍ତ ସମସ୍ୟାକୁ ସମାଧାନ କରାଯିବା ନିମନ୍ତେ ପୂର୍ବରୁ ପ୍ରତିଶୃତି ଦିଆଯାଇଥିଲେ ମଧ୍ୟ କୌଣସି

ସମାଧାନ କରାଗଲା ନାହିଁ । କେବେ ସୁଦ୍ଧା ଉକ୍ତ ସମସ୍ୟାକୁ ସମାଧାନ କରାଯିବ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ୱାର୍ଡ଼ରେ ୮ଗୋଟି ଇଲେକ୍ଟ୍ରି ପୋଲ କେଉଁ ମୁହୁର୍ତରେ ଗଳିପଡ଼ିବ କେହି କହିପାରିବେ ନାହିଁ। କିନ୍ତୁ ବିଚାରପତିଙ୍କ ଘରେ ପାଣି ପଶିଲେ ସଙ୍ଗେ ସଙ୍ଗେ କାର୍ଯ୍ୟ ପନ୍ଥା ଗ୍ରହଣ କରାଯାଉଛି । ସାଧାରଣ ଜନତା କ'ଣ ମଣିଷ ନୁହଁନ୍ତି । ତେଣୁ ବର୍ଷାଦିନ ପୁର୍ବରୁ ଡ୍ରେନ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ଗୌରୀ ଦାସ, କର୍ପୋରେଟର, ୱାର୍ଡ଼ ନଂ-୨୧ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ର ପୁର୍ଣ୍ଣ ସାହୁ ଛକ ପାଖରେ ପାଣି ଜମୁଛି, ଡ୍ରେନର ବେସ ନାହିଁ, ତେଣୁ ଯଥାଶିଘ୍ର ଡ୍ରେନକୁ ନିର୍ମାଣ କରାଯିବା ସହିତ ସ୍ଲାବ ସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ଚାରୁଲତା ସାହୁ, କର୍ପୋରେଟର, ୱାର୍ଡ଼ ନଂ-୧୯ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରମଜାନ ମାସ ପାଳନ ନିମନ୍ତେ ସ୍ୱତନ୍ତ୍ର ବୈଠକ କରାଯାଇ ଯାହା ନିଷ୍ପତି ଗ୍ରହଣ କରାଯାଇଥିଲା କିଛି କାର୍ଯ୍ୟକାରୀ କରାଗଲା ନାହିଁ । ନା ସଫେଇ ଠିକ୍ ଭାବେ କରାଯାଉଛି ନା ଜଳ ଯୋଗାଣ ହୋଇପାରୁଛି, ଏଲ୍ଇଡ଼ି ଲାଇଟ ଜଳୁନାହିଁ । ଦେଢମାସ ହେଲା ଅଭିଯୋଗ କଲେ କେହି କର୍ଣ୍ଣପାତ କରୁନାହାଁନ୍ତି । ତେଣୁ ଯଥାଶିଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବାକୁ ମାନ୍ୟବର ମେୟର ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ, କର୍ପୋରେଟର, ୱାର୍ଡ଼ ନଂ-୩୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, କଲେଜଛକ ପିଲିଗ୍ରୀମ ରୋଡ଼ ଠାରୁ ମାଲଗୋଦାମ ପର୍ଯ୍ୟନ୍ତ ବୈଦ୍ୟୁତିକ ପୋଲର ଅବସ୍ଥା ଭଲ ନାହିଁ । କେଉଁ ମୁହୁର୍ତରେ ଭାଙ୍ଗିଯିବ । ସେ ସବୁ ପୋଲରେ ଏଲ୍ଇଡ଼ି କିଭଳି ଲାଗିପାରିବ । ୱାର୍ଡ଼ରେ ଅନ୍ୟ ସ୍ଥାନରେ ଲଗାଯାଇଥିବା ଏଲଇଡ଼ି ଲାଇଟ ଜଳୁନହିଁ କାହାକୁ ଅଭିଯୋଗ କରାଯିବ ଅଭିଯୋଗ କଲେ କେହି ଶୁଣୁନାହାଁନ୍ତି । ତେଣୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ମାଲଗୋଦାମ ବେହେରା ସାହି ଠାରେ ଟାଟା ଟ୍ରଷ୍ଟ ପକ୍ଷରୁ ପାଇଖାନା ନିର୍ମାଣ କରାଯିବାରଥିଲା କିନ୍ତୁ କ'ଣ ପାଇଁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖାଯାଇଛି । ରାଜ୍ୟ ସରକାର / କେନ୍ଦ୍ର ସରକାର ବାହାରେ ମଳତ୍ୟାଗ ନିଷେଧ କରିବା ପାଇଁ ଘୋଷଣା କରିଥିଲେ ସୁଦ୍ଧା ୱାର୍ଡ଼ରେ ଏ ପର୍ଯ୍ୟନ୍ତ ପାଇଖାନା ନିର୍ମାଣ କରାଯାଇନଥିବାରୁ କେବେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବ ଜାଣିବାକୁ ଚାହିଁଥିଲେ ।

❖ କୁଲିମାନଙ୍କ ସୁରକ୍ଷା ଦୃଷ୍ଟିରେ ରଖାଯାଇ ହେଲମେଟ, ଗ୍ଲୋବସ ଯୋଗାଇ ଦେବା ନିମନ୍ତେ ବିଲ କିଏ ପରିଶୋଧ କରିବ ତାହା ଗୃହରେ ଅବଗତ କରନ୍ତୁ। ମୃତ୍ୟୁ ବରଣ କରିଥିବା କର୍ମଚାରୀମାନଙ୍କୁ କ୍ଷତିପୁରଣ କାହିଁକି ପ୍ରଦାନ କରାଯାଇନାହିଁ ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ଶ୍ରୀଯୁକ୍ତା ନମିତା ବାରିକ, କର୍ପୋରେଟର, ୱାର୍ଡ ନଂ-୦୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ର ପମ୍ପଘର ପାଖରେ ତାର ବାଡ଼ ଦେବା ପାଇଁ ପ୍ରସ୍ତାବ ଦେବା ସହ ସମସ୍ତ ୱାର୍ଡ଼ରେ ଥିବା ପମ୍ପ ଗୃହ ମାନଙ୍କରେ ତାର ବାଡ଼ ଦେବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ଦାୟୀତ୍ୱରେ ଥିବା ମେଟଙ୍କ ମୃତ୍ୟୁ ବରଣ କରିବା ପରେ ୱାର୍ଡ଼ରେ କିଭଳି କାର୍ଯ୍ୟହେବ, ତେଣୁ ୱାର୍ଡ଼କୁ ଏକ ମେଟ ଯୋଗାଇବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ରାଜୀବ ଆୱାସ ଯୋଜନାରେ କାର୍ଯ୍ୟାଦେଶ ପ୍ରାପ୍ତ ହୋଇଥିବା ହିତାଧିକାରୀ ମାନଙ୍କର ଆବାସ ନିର୍ମାଣ କରାଯାଇନଥିବା ବେଳେ ବର୍ତମାନ କାର୍ଯାଦେଶ ପ୍ରାପ୍ତ ହୋଇଥିବା ହିତାଧିକାରୀମାନଙ୍କ ଆବାସ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଏଭଳି କାର୍ଯ୍ୟ କରାନଯାଉ । କାରଣ ପୁର୍ବରୁ ପ୍ରାପ୍ତ ହୋଇଥିବା ହିତାଧିକାରୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ବର୍ଷାଦିନ ଆସିଥିବାରୁ ଏହାକୁ ଦୃଷ୍ଟିରେ ରଖାଯାଇ ତଅଁଳାସାହି ଠାରେ ଆଇଏଚଏଚଏଲ ଦ୍ୱାରା ବହୁ ଅସୁବିଧାର ସମ୍ମୁଖିନ ହେଉଥିବାରୁ, ଜୁନ ମାସ ଶେଷ ସୁଦ୍ଧା ତୁରନ୍ତ ଏହାର ପ୍ରତିକାର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପୋଲିସ ହାଉସିଂ ଟ୍ରାଂଜିଟ୍ ହାଉସ ନିକଟରେ ଲ୍ୟାଟିନ ଟ୍ୟାଙ୍କ ନଷ୍ଟ ହୋଇଯାଇଥିବାରୁ, ତାହାକୁ ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯାଇ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବଡ଼ ବଡ଼ ଜନବସତିରେ ଏବେ ଡ୍ରେନ ନିର୍ମାଣ କରାଯାଇନାହିଁ ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିବା ସହିତ ଜଗନ୍ନାଥ କ୍ଲବ ଛାତରୁ ପାଣି ପବାହାରୁଛି । ଜାଇକାକୁ ପଚାରିଲେ ଜନସ୍ୱାସ୍ଥ୍ୟ ବିଭାଗ କରିବ ଏବଂ ଜନସ୍ୱାସ୍ଥ୍ୟ ବିଭାଗକୁ ପଚାରିଲେ ଜାଇକା କରିବ ବୋଲି କହୁଥିବାରୁ ଯଥାଶିଘ୍ର ଏହାର ସମାଧାନ କରାଯିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ରେ ଅମୃତ ଯୋଜନାରେ ପାଇପ ବିଛାଯିବା ପରେ ମାଟି ଭରା କରାଯାଇନାହିଁ । ପାଇପ ବିଛାଇ ଛାଡ଼ି ଚାଲିଯାଉଛନ୍ତି । ତୁରନ୍ତ ମାଟି ପୁରଣ କରାନକଲେ ବର୍ଷାଦିନରେ ବହୁ ବଡ଼ ବଡ଼ ଖାଲ ଖମା ସୃଷ୍ଟି ହେବାର ଆଶଙ୍କା ଥିବାରୁ ଯଥାଶିଘ୍ର ଏହାର ପ୍ରତିକାର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଇତିଶ୍ରୀ ଦାସ, କର୍ପୋରେଟର, ୱାର୍ଡ ନଂ-୨୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପୁର୍ବରୁ କାର୍ଯ୍ୟାଦେଶ ପ୍ରାପ୍ତ ହୋଇଥିବା ହିତାଧିକାରୀ ମାନଙ୍କର ଗୃହ ନିର୍ମାଣ ନ ହେବା ପର୍ଯ୍ୟନ୍ତ ପରବର୍ତି ସମୟରେ କାର୍ଯ୍ୟାଦେଶ ପ୍ରାପ୍ତ ହୋଇଥିବା ହିତାଧିକାରୀମାନଙ୍କର ଗୃହ ନିର୍ମାଣ କରାଗଲେ ରାଜ ରାସ୍ତାରେ ବସିବୁ । କାର୍ଯ୍ୟ କରାଇଦେବୁ ନାହିଁ ବୋଲି ଚେତାବନୀ ଦେବା ସହ ଜଣେ ଲୋକ ପ୍ରତିନିଧି ହିସାବରେ ଜନସାଧାରଣଙ୍କର ବିଭିନ୍ନ ପ୍ରଶ୍ନର ସମ୍ମୁଖିନ ହେଉଅଛୁ । ତେଣୁ ଯଥାଶିଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବାକୁ ମାନ୍ୟବର ମେୟର ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତା ସଂଯୁକ୍ତା ସାହୁ, କର୍ପୋରେଟର, ୱାର୍ଡ଼ ନଂ-୦୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଏଲଇଡ଼ି ଲଗାଯିବା ପରେ ଲାଇଟ ଜଳୁନାହିଁ ଏବଂ ୱାର୍ଡ଼ରେ ଥିବା ଦୁଇ ଗୋଟି ହାଇମାଷ୍ଟ ଲାଇଟ ମଧ୍ୟ ଜଳୁନାହିଁ । ଯଥାଶିଘ୍ର ଏହି ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପଙ୍କୋଉଦ୍ଧାର କାର୍ଯ୍ୟ ମଧ୍ୟ ସଠିକ ଭାବେ କରାଯାଉନାହିଁ । ତେଣୁ ବର୍ଷାଦିନ ପୂର୍ବରୁ ସଠିକ୍ ଭାବେ ପଙ୍କୋଉଦ୍ଧାର କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, କର୍ପୋରେଟର, ୱାର୍ଡ଼ ନଂ-୪୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଯୋବ୍ରା ସ୍ଲମ କ୍ୱାଟର ସମ୍ବନ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଉକ୍ତ କ୍ୱାଟରରରେ ବସବାସ କରୁଥିବା ଯୋଗ୍ୟ ହିତାଧିକାରୀ ଯେଉଁ ମାନଙ୍କର କଟକ ସହରରେ ଜାଗା କିମ୍ବା ଘର ନାହିଁ ସେହିଭଳି ଲୋକମାନଙ୍କୁ ଚିହ୍ନଟ କରାଯାଇ, ଉକ୍ତ ସ୍ଥାନରେ ଗୃହ ନିର୍ମାଣ କରାଯାଇ ମାଗଣାରେ ପ୍ରଦାନ କରାଯିବାକୁ ପସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ୪ ଗୋଟି ଜନସେବା କେନ୍ଦ୍ର ଖୋଲାଯିବା ନିମନ୍ତେ ଗୃହରେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା ୨ ଗୋଟି ଜନସେବା କେନ୍ଦ୍ର ଖୋଲାଯାଇଥିଲା ଯାହାକି ବନ୍ଦ ହୋଇଯାଇଛି । ଅନ୍ୟ ଦୁଇଗୋଟି କେବେ ସୁଦ୍ଧା ଖୋଲାଯିବ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ଶ୍ରୀଯୁକ୍ତା ଅନିତା ନାୟକ, କର୍ପୋରେଟର, ୱାର୍ଡ଼ ନଂ-୨୨ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଛୋଟ ଛୋଟ ଡ୍ରେନ ଗୁଡ଼ିକର ଲେବୁଲ ଠାରୁ ବିଏସ୍‌ଡ଼ବ୍ଲୁସି ଡ୍ରେନର ଲେବୁଲ ଉଚ୍ଚା ଥିବାରୁ ଛୋଟ ଡ୍ରେନ ଗୁଡ଼ିକରୁ ଜଳ ନିଷ୍କାସନ ହୋଇପାରୁନାହିଁ । ତେଣୁ ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯାଇ ଛୋଟ ଡ୍ରେନର ଉଚ୍ଚତା ବୃଦ୍ଧି କରାଯିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ଼ ନଂ-୪୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଯାହା କାର୍ଯ୍ୟ କରାଯିବ ତାହା କେବଳ ୱାର୍ଡ଼ର କନିଷ୍ଠ ଯନ୍ତ୍ରୀମାନଙ୍କ ଦ୍ୱାରା କରାଯିବା ନିମନ୍ତେ ବିଗତ ପରିଷଦ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା, କାହିଁକି ଅନ୍ୟ ୱାର୍ଡ଼ର କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟ କରାଯାଉଛି ତାହାର ଉତର ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ କାଳିଆବୋଦା ଶ୍ମଶାନ କାର୍ଯ୍ୟ କାହିଁକି ବିଳମ୍ବ ହେଉଅଛି । ସେହିପରି ଜାତୀୟ ରାଜପଥ କଡ଼ରେ ଥିବା ୱାର୍ଡ଼ ଗୁଡ଼ିକର ଡ୍ରେନେଜ ବ୍ୟବସ୍ଥା ତୁରନ୍ତ କରାଯାଉ ନଚେତ୍ ବର୍ଷାଦିନରେ ଉକ୍ତ ୱାର୍ଡ଼ ଗୁଡ଼ିକ ପାଣିରେ ବୁଡ଼ିବ ବୋଲି ଚେତାବନୀ ଦେବା ସହ ପମ୍ପ ଗୁଡ଼ିକ ମହଜୁଦ୍ ରଖାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ରାସନକାର୍ଡ଼ ନିମନ୍ତେ ଅନେକ ହିତାଧିକାରୀ ଆବେଦନ କରି ଅପେକ୍ଷା କରିଥିବା ବେଳେ କେବେ ସୁଦ୍ଧା ରାସନ କାର୍ଡ଼ ସେମାନଙ୍କୁ ପ୍ରଦାନ କରାଯିବ ଏବଂ ଅନ୍ତୋଦୋୟ କାର୍ଡ଼ରେ ପାତର ଅନ୍ତର କରାଯାଇଛି ପରିଷଦ ବୈଠକର ନିଷ୍ପତି ଅନୁଯାୟୀ ସମସ୍ତ ୱାର୍ଡ଼କୁ ୫୦ ଗୋଟି ଲେଖାଏଁ କାର୍ଡ଼ ପ୍ରଦାନ କରାଯିବା କଥା କିନ୍ତୁ କେଉଁ ୱାର୍ଡ଼କୁ ୨୦ ଟି କାର୍ଡ଼ ପ୍ରଦାନ କରାଯାଇଥିବା ବେଳେ କେଉଁ ୱାର୍ଡ଼କୁ ୧୦୦ରୁ ଉର୍ଦ୍ଧ କାର୍ଡ଼ କେମିତି ପ୍ରଦାନ କରାଗଲା ଏବଂ କର୍ପୋରେଟରମାନଙ୍କ ବିନା ଅବଗତରେ କିଭଳି ଟାର୍ଗେଟ ପୁରଣ କରାଗଲା ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁ ଥିଲେ ।

**ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ-୫୬ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୪ଶହ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିବା ବେଳେ ସେଥିମଧ୍ୟରୁ ୬୪୨ ଜଣ ହିତାଧିକାରୀଙ୍କ

ଆବେଦନ ପଡ଼ିରହିଛି । ସେଥିପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

- ୱାର୍ଡ଼ର ବ୍ୟକ୍ତିଗତ ଶୌଚାଳୟରେ ୭୩୬ ଜଣ ହିତାଧିକାରୀଙ୍କ ମଧ୍ୟରୁ କେତେ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଇନଥିବା ବେଳେ ନିଗମ କାର୍ଯ୍ୟାଳୟରୁ ଦର୍ଶାଯାଉଛି ଯେ ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରଦାନ କରାଯାଇଛି, କିଭଳି ଭାବେ ଏଭଳି ତୃଟି ହେଉଛି । ତୁରନ୍ତ ଏହାକୁ ଯାଂଚ କରାଯାଇ ହିତାଧିକାରୀ ମାନେ ସେମାନଙ୍କ ଅର୍ଥ ପାଇବେ ସେଥିପାଇଁ ତୁରନ୍ତ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଶବଶକ୍ରାର ନିମନ୍ତେ ଲୋକମାନେ ୨/୩ ମାସ ପରେ ମଧ୍ୟ ଟଙ୍କା ପାଇପାରୁନାହାଁନ୍ତି । ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ପୁର୍ବରୁ ଟଙ୍କା ମିଳିବା କଥା କିନ୍ତୁ କାହିଁକି ବିଳମ୍ବ କରାଯାଉଛି ତାହାର ଉତର ଗୃହରେ ରଖାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ପ୍ରୋଜେକ୍ଟ ସମ୍ମାନ କାର୍ଯ୍ୟ କଛପ ଗତିରେ ଚାଲୁଥିବାରୁ ସେଥିପ୍ରତି କେହି ଧ୍ୟାନ ଦେଉନାହାଁନ୍ତି ତେବେ କିଭଳି ଭାବେ ଆସନ୍ତା ସ୍ୱାୟତ ଶାସନ ଦିବସରେ ଉଦ୍‌ଘାଟନ କରାଯିବ । ତେଣୁ ଯଥାଶିଘ୍ର ଉକ୍ତ କାର୍ଯ୍ୟକୁ ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତା ନମିତା ମଞ୍ଜରି ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :</u>**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ସାମିଆ ପୋଖରୀ ବିଷୟରେ ଯାହା ଆଇନଗତ ସମସ୍ୟା ଅଛି ତାହାର ସମୀକ୍ଷା କାହିଁକି କରାଯାଉନାହିଁ । ତେଣୁ ସହକାରୀ ଆଇନ ଅଧିକାରୀ ଏ ସମ୍ବନ୍ଧରେ ଗୃହରେ ଉତର ରଖନ୍ତୁ ବୋଲି ଦାବି କରିଥିଲେ ।
- ଫାଇଲେରିଆ କର୍ମଚାରୀ ୱାର୍ଡ଼ ପରିଦର୍ଶନରେ ଆସୁନାହାଁନ୍ତି । ଗତ ବୈଠକରେ ଏ ବିଷୟରେ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ତେଣୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ୪ ଗୋଟି ଜନସେବା କେନ୍ଦ୍ର ଖୋଲାଯିବା ନିମନ୍ତେ ଗୃହରେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା ୨ ଗୋଟି ଜନସେବା କେନ୍ଦ୍ର ଓଡ଼ିଶା ଅନ୍‌ଲାଇନ୍ ଦ୍ୱାରା ଖୋଲାଯାଇଥିବା ଅନ୍ୟ ଦୁଇଗୋଟି କେନ୍ଦ୍ର ପାଇଁ ଉକ୍ତ ସଂସ୍ଥା ଅନିଛା ପ୍ରକାଶ କରିଥିବାରୁ ପିପିପି ମୋଡ଼ରେ ଉକ୍ତ କେନ୍ଦ୍ରକୁ ଖୋଲାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର, ଆୟୁକ୍ତ ସମସ୍ତ ସଦସ୍ୟ/ସଦସ୍ୟାଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ, ଉନ୍ନତି ଯୋଜନାରେ ରାଜ୍ୟ ସରକାରଙ୍କ ନୀୟମାବଳୀ ଅନୁଯାୟୀ ଉକ୍ତ କାର୍ଯ୍ୟ ପାଇଁ ଜିଲ୍ଲାପାଳ ତାହାର ଅଧ୍ୟକ୍ଷ ଥିବା ବେଳେ ତୁଡ଼ା କର୍ତୃପକ୍ଷ ନିର୍ଦ୍ଦେଶକ ଅଛନ୍ତି ତେଣୁ ସେଥିରେ ନିଗମର କୌଣସି ଭୂମିକା ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଶୌଚାଳୟ ନିର୍ମାଣ କାର୍ଯ୍ୟ କରୁଥିବା ଶୁଲଭ ସଂସ୍ଥାଙ୍କୁ ୧୫ ଦିନ ମଧ୍ୟରେ କାର୍ଯ୍ୟ ଶେଷ କରାଯିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ୱାର୍ଡ଼ ନଂ-୧୦ ଅର୍ନ୍ତଗତ ମସ୍‌ଜିଦ୍ ପାଖ ଡ୍ରେନର ଉନ୍ନତି କରଣ ନିମନ୍ତେ ଟେଣ୍ଡର କରାଯାଇଛି ଏବଂ ଯଥାଶିଘ୍ର ଏହାର କାର୍ଯ୍ୟାରମ୍ଭ କରାଯିବ । ଏଲ୍‌ଇଡ଼ି ଯୋଜନା କାର୍ଯ୍ୟକ୍ରମରେ ବର୍ତମାନ ସୁଦ୍ଧା ୧୫୮୧୬ ଟି ଲାଇଟ ଲଗାଯାଇଛି ଏବଂ ଜୁଲାଇ ମାସ ସୁଦ୍ଧା ଏହି କାର୍ଯ୍ୟ ଶେଷ କରାଯିବ ଏବଂ ଯେଉଁ ଯେଉଁ ଅଂଚଳରେ ଏଲିଡ଼ି ଲାଇଟ ଗୁଡ଼ିକ ଜଳୁନାହିଁ ଯଥାଶିଘ୍ର ସେଗୁଡ଼ିକ ମରାମତି କରାଯିବ ବୋଲି ସୂଚନା ଦେଇଥିଲେ । ଏନ୍‌ବିସିସି ଶୌଚାଳୟ କାର୍ଯ୍ୟରେ ଅହେତୁକ ବିଳମ୍ବ କରୁଥିବାରୁ ଆସନ୍ତା ସପ୍ତାହରେ କର୍ପୋରେଟର ମାନଙ୍କୁ ଡ଼କାଯାଇ ଏକ ବୈଠକ କରାଯାଇ ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପରାମର୍ଶ ଦେଇଥିଲେ । କର୍ମଚାରୀମାନଙ୍କ ନିମନ୍ତେ ଇଏସଆଇ ସୁବିଧା ଯୋଗାଇଦେବା ସହିତ ପ୍ରତିଷ୍ଠାନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ବୀମା ପରିସର

ଭୁକ୍ତ କ୍ଷେତ୍ର କର୍ମଚାରୀମାନଙ୍କୁ କରାଯାଇପାରିବ ବୋଲି ସୂଚନା ଦେଇଥିଲେ । ଯେଉଁ ଯେଉଁ ୱାର୍ଡ଼ର ବୈଦ୍ୟୁତିକ ପୋଲ ଗୁଡ଼ିକ ନଷ୍ଟ ହୋଇଯାଇଛି ସେ ଗୁଡ଼ିକ ନୂତନ ଭାବେ ଅବସ୍ଥାପିତ କରାଯିବା ନିମନ୍ତେ ମାନ୍ୟବର ଲୋକସଭା ସଦସ୍ୟଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ ଏବଂ **Socio Economics Cast Census** ଆଧାରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଟାର୍ଗେଟ ପୁରଣ କରାଯିବ ଏବଂ ଜୟ ପ୍ରକାଶ ନାରାୟଣ ପାର୍କ ସ୍ଥିତାବସ୍ଥା ସମ୍ପର୍କରେ ଅନୁଧ୍ୟାନ କରାଯାଇ ନିଷ୍ପତି ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ।

ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ସେଠୀ, ଉପ ଆୟୁକ୍ତ, ସମସ୍ତ ସଦସ୍ୟ/ସଦସ୍ୟାଙ୍କ ପ୍ରଶ୍ନର ଉତରରେ କହିଥିଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୪୭ ଜଣ ହିତାଧିକାରୀ ଚୟନ କରାଯାଇଥିବା ବେଳେ ୧୦୯୭ ଟାର୍ଗେଟ ପୁରଣ କରାଯିବା ନିମନ୍ତେ ନୂତନ ଭାବେ ଆବେଦନ ଗ୍ରହଣ କରାଯାଇ ଉକ୍ତ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ ଡ଼ିପିଆର ପ୍ରସ୍ତୁତ କରାଯିବାକୁ ଗୃହରେ ଅବଗତ କରିଥିଲେ ।

ଶ୍ରୀଯୁକ୍ତ ଦିଗମ୍ବର ସାଇଁ, ସହକାରୀ ଆଇନ ଅଧିକାରୀ, ଯୋବ୍ରା ସ୍ଲମ କ୍ୱାଟର ସମ୍ବନ୍ଧରେ ପ୍ରଶ୍ନର ଉତରରେ ଗୃହକୁ ସୂଚନା ଦେଇ କହିଥିଲେ ୧୯୭୦ ମସିହାରେ ସରକାରଙ୍କ ଥଇଥାନ ଯୋଜନା ଅନୁଯାୟୀ କେତେକ ନିଗମ କର୍ମଚାରୀ ଏବଂ ଅନ୍ୟ ସରକାରୀ କର୍ମଚାରୀଙ୍କୁ ଯୋବ୍ରା ସ୍ଲମ କ୍ୱାଟର ପ୍ରଦାନ କରାଯାଇଥିଲା । ପରବର୍ତି ସମୟରେ ଉକ୍ତ ଗୃହକୁ ଦୀର୍ଘଦିନ ଧରି ବସବାସ କରୁଥିବା ଲୋକମାନଙ୍କୁ ବିକ୍ରୟ କରାଯିବା ନିମନ୍ତେ ପରିଷଦ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଗତ ୨୦୧୬ ମସିହାରେ ଉକ୍ତ ଅଂଚଳରେ ଜଣ୍ଡିସ ବ୍ୟାପିବାରୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜଣ୍ଡିସ ସମିକ୍ଷା କରିବା ପାଇଁ ଉକ୍ତ ସ୍ଥାନ ପରିଦର୍ଶନ କରିବା ପରେ ଉକ୍ତ ଅଂଚଳ ଅସ୍ୱାସ୍ଥ୍ୟକର ପରିବେଶ ଏବଂ ବିପଦପୁର୍ଣ୍ଣ ଥିବା ଘର ଗୁଡ଼ିକ ଭଙ୍ଗାଯିବା ନିମନ୍ତେ ପତ୍ରାଳାପ ମାଧ୍ୟମରେ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତି ସମୟରେ ମାନ୍ୟବର ଉଚ୍ଚ ନ୍ୟାୟଳୟ ଏବଂ ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ନିଗମ ଦ୍ୱାରା ଯୋଗ୍ୟ ହିତାଧିକାରି ଚୟନ କରାଯାଇ ସ୍ଲମ କ୍ୱାଟର ବଣ୍ଟନ କରାଯାଇପାରିବ ବୋଲି ଗୃହରେ ସୂଚନା ଦେଇଥିଲେ ।

ଶ୍ରୀମତୀ ମୀନାକ୍ଷୀ ବେହେରା, ମାନ୍ୟବର ମେୟର ଜୟ ପ୍ରକାଶ ନାରାୟଣ ପାର୍କର ରୁପରେଖ କିଭଳି ହେବ ତାହାର ତଥ୍ୟ କର୍ପୋରେଟରଙ୍କୁ ପ୍ରଦାନ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

**ପ୍ରସ୍ତାବ ନଂ-୧.** ଗତ ତା. ୨୮-୦୨-୨୦୧୮ରିଖ ୩୩ତମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୨୮-୦୨-୨୦୧୮ରିଖ ୩୩ତମ ସାଧାରଣ ଅଧିବେଶନର ବିବରଣୀ ସର୍ବସମ୍ମତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୨. :** ଗତ ତା. ୦୯-୦୩-୨୦୧୮ରିଖ ନିଗମର ସ୍ୱତନ୍ତ୍ର ଅଧିବେଶନର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୨ :** ଗତ ତା. ୦୯-୦୩-୨୦୧୮ରିଖ ନିଗମର ସ୍ୱତନ୍ତ୍ର ଅଧିବେଶନର ବିବରଣୀ ସର୍ବସମ୍ମତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୩.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୩.୧** ଗତ ୧୨.୦୩.୨୦୧୮ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବସମ୍ମତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୨** ଗତ ୧୩. ୦୩.୨୦୧୮ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୩** ଗତ ୧୬. ୦୩.୨୦୧୮ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୪** ଗତ୧୬.୩.୨୦୧୮ରିଖ ଏଜୁକେଶନ,ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୫** ଗତ ୨୭.୦୩.୨୦୧୮ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୬** ଗତ ୨୮.୦୩.୨୦୧୮ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୭** ଗତ ୨୮.୦୩.୨୦୧୮ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୮** ଗତ ୧୧.୦୪.୨୦୧୮ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୯** ଗତ ୧୧.୦୪.୨୦୧୮ ରିଖ ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୦** ଗତ ୧୨.୦୪.୨୦୧୮ ରିଖ ଏଜୁକେଶନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୧** ଗତ ୧୬.୦୪.୨୦୧୮ ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୨** ଗତ ୨୧.୦୪.୨୦୧୮ ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୩** ଗତ ୨୭.୦୪.୨୦୧୮ ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୪** ଗତ ୦୮.୦୫.୨୦୧୮ ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୫** ଗତ ୧୪ .୦୫.୨୦୧୮ ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୬** ଗତ ୧୪.୦୫.୨୦୧୮ ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୭** ଗତ ୧୬.୦୫.୨୦୧୮ ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୮** ଗତ ୧୭.୦୫.୨୦୧୮ ରିଖ ଗ୍ରୀଭାନ୍‌ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୯** ଗତ ୧୭.୦୫.୨୦୧୮ ରିଖ ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୨୦** ଗତ ୧୮.୦୫.୨୦୧୮ ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୨୧** ଗତ ୧୯.୦୫.୨୦୧୮ ରିଖ ପବ୍ଲିକ ଓ୍ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୨୨** ଗତ ୨୧.୦୫.୨୦୧୮ ରିଖ ଏଜୁକେଶନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.** **ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ, କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଏବଂ ନିର୍ଦ୍ଦିଷ୍ଟ ଭାବେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ଅନୁମୋଦନ ସହିତ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।**

୧. ଶ୍ରୀ ବିପିନ ବିହାରୀ ମହାପାତ୍ର ଓ ଅନ୍ୟମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶାଙ୍କ ଠାରେ କରିଥିବା କେସ ନଂ- W.P (C) No.-7219 of 2016 ଓ W.P (C) No.-15157 of 2016 ଓ ଏ ସମ୍ବନ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତା୧୬.୦୩.୨୦୧୭ରିଖରେ ଦେଇଥିବା ଆଦେଶ ଯଥା ଯୋବ୍ରା କ୍ୱାର୍ଟର/ସ୍ଲମ୍ କ୍ୱାର୍ଟରଗୁଡିକୁ ଅନ୍ତେବାସୀମାନଙ୍କୁ ବିକ୍ରିସୂତ୍ରେ ପ୍ରଦାନ କରାଯିବା ନିମନ୍ତେ ହୋଇଥିବା ପୂର୍ବବର୍ତୀ ପ୍ରସ୍ତାବଗୁଡିକୁ ବିଚାର କରି, ଏ ସମ୍ବନ୍ଧରେ ଯଥାଶୀଘ୍ର ନିଷ୍ପତି ନେବା ପାଇଁ ଆଦେଶ ପ୍ରଦାନ କରିଥିଲେ।

ଇତିମଧ୍ୟରେ ଉପରୋକ୍ତ ଆବେଦନକାରୀମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶା, କଟକଙ୍କ ପୂର୍ବ ଆଦେଶ ତା୧୬.୦୩.୨୦୧୭ ଯାହାକି W.P (C) No.-7219 of 2016 ଓ W.P (C) No.-15157 of 2016 ରେ ପ୍ରଦାନ କରାଯାଇଥିଲା, ତାହାର ଅନୁପାଳନ ହୋଇ ନ ଥିବା ଦର୍ଶାଇ ଏକ Contempt Case bearing CONTC. No.-62 of 2018 ଫାଇଲ କରିଥିଲେ। ମାନ୍ୟବର ଉଚ୍ଚ ନ୍ୟାୟାଳୟ ଉକ୍ତ କେସ୍‌ର ଶୁଣାଣି କରି ତା୨୭.୦୪.୨୦୧୮ ରିଖରେ ଆଦେଶ ପ୍ରଦାନ କରିଅଛନ୍ତି କି, ଯଦି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିର୍ଦ୍ଦେଶ Comply ହୋଇ ନ ଥିବ ତେବେ ଆବଦେନକାରୀଙ୍କ ଠାରୁ ଉକ୍ତ ଆଦେଶକୁ ପାଇବାର ଏକ ମାସ ମଧ୍ୟରେ ପୂର୍ବ ଆଦେଶନାମା (ତା୧୬.୦୩.୨୦୧୭ରିଖ)କୁ ଯଥାଶୀଘ୍ର ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଅଛନ୍ତି।

ଏ ସମ୍ବନ୍ଧରେ ଆୟୁକ୍ତ ଗୃହକୁ ଅବଗତ କରାଇଥିଲେ କି, ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶା, କଟକ ତା୧୬.୦୩.୨୦୧୭ ରିଖରେ W.P (C) No.-7219 of 2016 ଓ W.P (C) No.-15157 of 2016 (Bipin Bihari Mohapatra -Vrs- State of Odisha & others) ରେ ପ୍ରଦାନ କରିଥିବା ଆଦେଶର ଅନୁପାଳନ କରିବା ନିମନ୍ତେ, ତା୩୧.୦୫.୨୦୧୭ରିଖରେ କଟକ ମହାନଗର ନିଗମ ପରିଷଦ ବୈଠକରେ ଆଲୋଚନା କରାଯାଇ ଅତିରିକ୍ତ ଆୟୁକ୍ତ-୧ ଙ୍କ ତତ୍ୱାବଧାନରେ ଉପ ଆୟୁକ୍ତ ତଥା ବସ୍ତି ଉନ୍ନୟନ ଅଧିକାରୀ, ଉପ ଆୟୁକ୍ତ-୩, ସେକ୍ରେଟାରୀ, ନଗର ଯନ୍ତ୍ରୀ, ନଗର ସ୍ୱାସ୍ଥ୍ୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ-୧, ନିର୍ବାହୀ ଯନ୍ତ୍ରୀ-୨ ଓ ଉପ ନିର୍ବାହୀ ଯନ୍ତ୍ରୀ ଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିକୁ ଯୋବ୍ରା ସ୍ଲମ୍ କ୍ୱାର୍ଟରରେ ରହୁଥିବା ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଏକ ସବିଶେଷ ରିପୋର୍ଟ ଦେବାକୁ ଆଦେଶ/ନିର୍ଦ୍ଦେଶ ଦିଆଯାଇଥିଲା।

ଉକ୍ତ କମିଟିର ସଦସ୍ୟମାନେ ଯୋବ୍ରା କ୍ୱାର୍ଟରଗୁଡିକୁ ପରିଦର୍ଶନ କରିବା ସହିତ ଉକ୍ତ କ୍ୱାର୍ଟରଗୁଡିକରେ ରହୁଥିବା ବ୍ୟକ୍ତିମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ କ୍ୱାର୍ଟରଗୁଡିକର ସ୍ଥିତି ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ସମସ୍ତ ପୂର୍ବାପର ବିଷୟକୁ ତର୍ଜମା କରି ରିପୋର୍ଟ ପ୍ରଦାନ କରିଅଛନ୍ତି, ଯାହାକି ଆଜିର ପରିଷଦ ବୈଠକରେ ଉପସ୍ଥାପନ କରାଗଲା।

ଉକ୍ତ ରିପୋର୍ଟ ଅନୁଯାୟୀ, ଯୋବ୍ରା ମ୍ୟୁନିସିପାଲ କଲୋନୀ (ସ୍ଲମ୍ କ୍ୱାର୍ଟର)ରେ ରହୁଥିବା ଅଧିକାଂଶ ବ୍ୟକ୍ତିମାନଙ୍କର କଟକ ଓ ଅନ୍ୟାନ୍ୟ ସ୍ଥାନରେ ଘର ଥାଇ ମଧ୍ୟ ସେମାନେ ଉକ୍ତ କ୍ୱାର୍ଟରଗୁଡିକୁ ନିଜ ଅକ୍ତିଆରରେ ରଖିଛନ୍ତି। ଇତିମଧ୍ୟରେ କେତେକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ ମଧ୍ୟ, ସେମାନଙ୍କ ପରିବାର ସଦସ୍ୟମାନେ ଉକ୍ତ କ୍ୱାର୍ଟରଗୁଡିକୁ ନିଜ ଅକ୍ତିଆରରେ ରଖିଛନ୍ତି। ଅଧିକାଂଶ ବ୍ୟକ୍ତି ସେମାନଙ୍କ ନାମରେ ଆବଣ୍ଟିତ ହୋଇଥିବା କ୍ୱାର୍ଟରଗୁଡିକୁ ଅନ୍ୟମାନଙ୍କୁ ଭଡାସୂତ୍ରରେ ପ୍ରଦାନକରି ଅନ୍ୟସ୍ଥାନରେ ରହୁଅଛନ୍ତି ଓ କେତେକ ବ୍ୟକ୍ତି କ୍ୱାର୍ଟରଗୁଡିକୁ ମୌଖିକଭାବେ ଅନ୍ୟମାନଙ୍କୁ ବିକ୍ରୟ ମଧ୍ୟ କରିଅଛନ୍ତି। ଉକ୍ତ କ୍ୱାର୍ଟରଗୁଡିକର ପାଇଖାନା ଟାଙ୍କିକୁ ସିଧାସଳଖ ମୁଖ୍ୟ ନାଳ ସହିତ ସଂଯୋଗ କରାଯାଇଅଛି, ଯାହାଦ୍ୱାରାକି ଉକ୍ତ ଅଂଚଳରେ ବାରମ୍ବାର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।

ଏଠାରେ ସୂଚନା ଦିଆଯାଇପାରେ କି, ଯୋବ୍ରା କ୍ୱାର୍ଟର/ସ୍ଲମ୍ କ୍ୱାର୍ଟରଗୁଡିକର ସଂରଚନାତ୍ମକ ନିରାପତା (Structural Safety) ସମ୍ବନ୍ଧରେ ତା୨୪.୦୩.୨୦୧୬ରିଖରେ ଜିଲ୍ଲାପାଳ, କଟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ R&B Division (I), Cuttack ଓ C.M.Cର ଇଂଜିନିୟରଙ୍କୁ ନେଇ ଏକ ମିଳିତ ବୈଷୟିକ କମିଟି (Joint Technical Committee) ଗଠନ କରାଯାଇଥିଲା। ଉକ୍ତ କମିଟି ଯୋବ୍ରା କ୍ୱାର୍ଟର/ସ୍ଲମ୍ କ୍ୱାର୍ଟରଗୁଡିକୁ ଅନୁଧ୍ୟାନ କରି ଏକ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଆଧାରରେ ତା୧୩.୦୫.୨୦୧୬ରିଖରୁ ଉକ୍ତ କ୍ୱାର୍ଟରଗୁଡିକୁ ବିପଦସଂକୁଳ ଘୋଷଣା କରାଯାଇଅଛି। ଏଠାରେ ଉଲ୍ଲେଖ କରାଯାଇପାରେ କି, ୧୯୭୦-୧୯୭୧ ମସିହାରେ ତଥା ପରବର୍ତୀ ସମୟରେ ଯୋବ୍ରା ମ୍ୟୁନିସିପାଲ କ୍ୱାର୍ଟର/ ସ୍ଲମ୍ କ୍ୱାର୍ଟରଗୁଡିକୁ ମ୍ୟୁନିସିପାଲ କର୍ମଚାରୀ ଓ ବିଭିନ୍ନ ସରକାରୀ କର୍ମଚାରୀ ତଥା ଅନ୍ୟମାନଙ୍କୁ କ୍ୱାର୍ଟର ରୂପେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନ ସମୟରେ ସର୍ତ ରଖାଯାଇଥିଲା ଯେ, ଅବସର ପରେ ସେମାନେ ଉକ୍ତ କ୍ୱାର୍ଟରଗୁଡିକୁ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିବେ, ନଚେତ ଆଇନାନୁଯାୟୀ ପୌର କର୍ତୃପକ୍ଷ ସେମାନଙ୍କୁ ବେଦଖଲ କରିବେ। କିନ୍ତୁ, ସେହି କ୍ୱାର୍ଟରଗୁଡିକରେ ରହୁଥିବା ଲୋକମାନେ ଉପରୋକ୍ତ ଆଦେଶକୁ ଖିଲାପକରି ବର୍ଷ ବର୍ଷ ଧରି ସେହି କ୍ୱାର୍ଟରଗୁଡିକୁ ବେଆଇନ ଭାବେ ଦଖଲ କରି ରହି ଆସୁଅଛନ୍ତି।

ତେଣୁ ଉପରୋକ୍ତ ବିଷୟକୁ ବିଚାରକୁ ନେଇ ଅନୁଧ୍ୟାନ କଲାପରେ, କଟକ ମହାନଗର ନିଗମର ଉକ୍ତ ମୂଲ୍ୟବାନ ଜମିରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ତଥା ସରକାରଙ୍କ ଅନ୍ୟାନ୍ୟ ଉନ୍ନତିମୂଳକ ଯୋଜନାରେ ଗୃହ ନିର୍ମାଣ କରି ଯୋବ୍ରା ମ୍ୟୁନିସିପାଲ ସ୍ଲମ୍ କଲୋନୀର ଯେଉଁ ବ୍ୟକ୍ତିମାନେ ଉପରୋକ୍ତ ଯୋଜନା ଅନୁସାରେ ଗୃହ ପାଇବା ପାଇଁ ହକ୍‌ଦାର ହେଉଥିବେ ବା ହିତାଧିକାରୀ ପରିସର ମଧ୍ୟରେ ଆସୁଥିବେ ତଥା ନିକଟସ୍ଥ ବସ୍ତିବାସିନ୍ଦାମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ହେଉଥିବା ହିତାଧିକାରୀମାନଙ୍କୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ସେଠାରେ ଥଇଥାନ କରିବା ପାଇଁ କମିଟି ସୁପାରିଶ କରିଅଛନ୍ତି।

ଏଠାରେ ଉଲ୍ଲେଖ କରାଯାଇପାରେ କି, ବିଭିନ୍ନ ସମୟରେ ଉପରୋକ୍ତ କ୍ୱାର୍ଟରଗୁଡିକୁ ସେଠାରେ ରହୁଥିବା ବ୍ୟକ୍ତିମାନଙ୍କୁ ବିକ୍ରୟ କରାଯିବା ନିମନ୍ତେ କଟକ ମହାନଗର ନିଗମର ପରିଷଦ ବୈଠକ ଓ ମାନ୍ୟବର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଆଲୋଚନା କରାଯାଇଅଛି ଓ ନିଗମର ଯନ୍ତ୍ରୀ ବିଭାଗଦ୍ୱାରା ବିଭିନ୍ନ କିସମର କ୍ୱାର୍ଟର ନିମନ୍ତେ ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ କରାଯାଇଅଛି। କିନ୍ତୁ, ବର୍ତମାନ ଉପରୋକ୍ତ କମିଟିର ଅନୁଧ୍ୟାନପରେ ଦେଖାଗଲା ଯେ, ଅଧିକାଂଶ ବ୍ୟକ୍ତିମାନେ ମୁନିସିପାଲିଟିର ସେହି କ୍ୱାର୍ଟରଗୁଡିକୁ ବେଆଇନ ଭାବେ ଭଡା ସୂତ୍ରରେ ଅନ୍ୟମାନଙ୍କୁ ଦେଇଅଛନ୍ତି ଓ ଅନ୍ୟ ସ୍ଥାନରେ ନିଜର ଘର କରି ରହିଛନ୍ତି। ଇତିମଧ୍ୟରେ କେତେକ କର୍ମଚାରୀ ସରକାରୀ ଓ ମୁନିସିପାଲିଟିରୁ ଅବସର ନେଇଛନ୍ତି ଓ କେତେକ ମୃତ୍ୟୁବରଣ ମଧ୍ୟ କରିଅଛନ୍ତି, ଯାହାଦ୍ୱାରା କି କ୍ୱାର୍ଟର ବ୍ୟବହାର କରିବାର ଆବଶ୍ୟକତା ମଧ୍ୟ ହରାଇଛନ୍ତି। ଅପରପକ୍ଷରେ ସେମାନଙ୍କ ମଧ୍ୟରୁ କେତେକ କଟକ ସହର ସମେତ ଅନ୍ୟାନ୍ୟ ସ୍ଥାନରେ ସେମାନଙ୍କର ବାସଗୃହ ନିର୍ମାଣ

କରିଥିବା ଜଣାଯାଇଛି । ଉକ୍ତ କ୍ୱାର୍ଟରଗୁଡିକରେ ରହୁଥିବା ଅଧିକାଂଶ ବ୍ୟକ୍ତିମାନେ ସେମାନଙ୍କ କ୍ୱାର୍ଟର ସଂଲଗ୍ନ ମହାନଗର ନିଗମର ଖାଲିଥିବା ସ୍ଥାନକୁ ଜବରଦଖଲ କରି ବେଆଇନ ନିର୍ମାଣ ମଧ୍ୟ କରିଛନ୍ତି ।

ଏଣୁ ଉପରୋକ୍ତ ବିଷୟକୁ ବିଚାରକୁ ନେଇ ଓ ଏ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବମାନ ଗ୍ରହଣ କରାଗଲା:

(କ) ୨୮.୧୧.୧୯୯୮ରିଖ କଟକ ମହାନଗର ନିଗମ ପରିଷଦର ସାଧାରଣ ଅଧିବେସନରେ ଯୋବ୍ରାସ୍ଥିତ ମ୍ୟୁନିସିପାଲ କଲୋନୀରେ ରହୁଥିବା ଲୋକଙ୍କୁ ତାହା ବିକ୍ରି କରିଦେବା ନିମନ୍ତେ ଗ୍ରହଣ କରାଯାଇଥିବା ପ୍ରସ୍ତାବକୁ ତର୍ଜମା କରାଯାଇ ଉକ୍ତ ପ୍ରସ୍ତାବକୁ ବାତିଲ କରାଗଲା ।

(ଖ) ତା୧୧.୦୧.୨୦୦୮ରିଖରେ ମାନ୍ୟବର ମନ୍ତ୍ରୀ, ନଗର ଉନ୍ନୟନଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଯୋବ୍ରାସ୍ଥିତ ୧୧୯ ଗୋଟି ସ୍ଲମ୍ କ୍ୱାର୍ଟର ଓ ଥୋରିଆ ସାହିସ୍ଥିତ ୨୪ ଗୋଟି କ୍ୱାର୍ଟରର ମୂଲ୍ୟ ନିର୍ଦ୍ଧାରଣ କରିବା ଓ ଉକ୍ତ କ୍ୱାର୍ଟରଗୁଡିକୁ ଅନ୍ତେବାସୀମାନଙ୍କୁ ବିକ୍ରୟ କରିବା ପାଇଁ ଅନୁମତି ପ୍ରଦାନ ନିମନ୍ତେ ନଗର ଉନ୍ନୟନ ବିଭାଗ ଓ ରାଜସ୍ୱ ବିଭାଗ ନିକଟକୁ ପଠାଇବା ପାଇଁ ନିଆଯାଇଥିବା ପ୍ରସ୍ତାବକୁ ତର୍ଜମା କରାଯାଇ ଦେଖାଗଲା ଯେ, ବର୍ତ୍ତମାନ ଉକ୍ତ ପ୍ରସ୍ତାବଟିର କୌଣସି ଯଥାର୍ଥତା ବା ଆବଶ୍ୟକତା ପରିଲକ୍ଷିତ ହେଉନାହିଁ । ତେଣୁ, ସରକାରଙ୍କ ନିକଟକୁ ଏପରି କୌଣସି ପ୍ରସ୍ତାବ ନ ପଠାଇବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଯୋବ୍ରା ଓ ଥୋରିଆ ସାହି ସ୍ଥିତ କ୍ୱାର୍ଟର/ସ୍ଲମ୍ କ୍ୱାର୍ଟରଗୁଡିକୁ ଅନ୍ତେବାସୀମାନଙ୍କୁ ବିକ୍ରୟ କରାଯିବା ପ୍ରସ୍ତାବକୁ ମଧ୍ୟ ବାତିଲ କରାଗଲା ।

(ଗ) ତା୨୮.୦୧.୨୦୦୮ରିଖ କଟକ ମହାନଗର ନିଗମ ପରିଷଦର ସାଧାରଣ ଅଧିବେସନରେ ଯୋବ୍ରା ଓ ଥୋରିଆ ସାହି ସ୍ଥିତ ମ୍ୟୁନିସିପାଲ ସ୍ଲମ୍ କ୍ୱାର୍ଟରଗୁଡିକୁ ଅନ୍ତେବାସୀମାନଙ୍କୁ ବିକ୍ରୟ କରିବା ନିମନ୍ତେ ନିଆଯାଇଥିବା ପ୍ରସ୍ତାବକୁ ତର୍ଜମା କରାଯାଇ ଉକ୍ତ ପ୍ରସ୍ତାବକୁ ବାତିଲ କରାଗଲା ।

(ଘ) ତା୦୫.୦୯.୨୦୦୮ରିଖ କଟକ ମହାନଗର ନିଗମ ପରିଷଦର ସାଧାରଣ ଅଧିବେସନରେ ଜୋବ୍ରା ଓ ଥୋରିଆ ସାହି ମ୍ୟୁନିସିପାଲ ସ୍ଲମ୍ କ୍ୱାର୍ଟରଗୁଡିକର ମୂଲ୍ୟ ନିର୍ଦ୍ଧାରଣ କରିବା ଓ ଅନ୍ତେବାସୀମାନଙ୍କୁ ସେଗୁଡିକୁ ବିକ୍ରୟ କରିବା ନିମନ୍ତେ ନିଆଯାଇଥିବା ପ୍ରସ୍ତାବକୁ ତର୍ଜମା କରାଯାଇ ଉକ୍ତ ପ୍ରସ୍ତାବକୁ ବାତିଲ କରାଗଲା ।

(ଙ) ତା୩୧.୦୫.୨୦୧୩ରିଖ କଟକ ମହାନଗର ନିଗମ ପରିଷଦର ସାଧାରଣ ଅଧିବେସନରେ ଯୋବ୍ରା ଓ ଥୋରିଆ ସାହି ମ୍ୟୁନିସିପାଲ ସ୍ଲମ୍ କ୍ୱାର୍ଟରଗୁଡିକର ମୂଲ୍ୟ ନିର୍ଦ୍ଧାରଣ କରିବା ଓ ଅନ୍ତେବାସୀମାନଙ୍କୁ ସେଗୁଡିକୁ ବିକ୍ରୟ କରିବା ନିମନ୍ତେ ନିଆଯାଇଥିବା ପ୍ରସ୍ତାବକୁ ତର୍ଜମା କରାଯାଇ ଉକ୍ତ ପ୍ରସ୍ତାବକୁ ବାତିଲ କରାଗଲା ।

(ଚ) ତା୩୦.୦୯.୨୦୧୫ରିଖ କଟକ ମହାନଗର ନିଗମର ସାଧାରଣ ଅଧିବେସନରେ ଯୋବ୍ରା ମ୍ୟୁନିସିପାଲ ସ୍ଲମ୍ କ୍ୱାର୍ଟରଗୁଡିକ ନିମନ୍ତେ ଏକ Fresh Report ପ୍ରସ୍ତୁତ କରି ସରକାରଙ୍କ ନିକଟକୁ ପଠାଯିବା ନିମନ୍ତେ ନିଆଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯିବା ସଙ୍ଗେ ସଙ୍ଗେ ଉକ୍ତ ପ୍ରସ୍ତାବକୁ ବାତିଲ କରାଗଲା ।

ଏଥିସହିତ, ଉପରୋକ୍ତ କମିଟିଦ୍ୱାରା ସୁପାରିଶ କରାଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ ନିଷ୍ପତି ନିଆଗଲା ଯେ, ଯୋବ୍ରା ମ୍ୟୁନିସିପାଲ କ୍ୱାର୍ଟର /ସ୍ଲମ୍ କ୍ୱାର୍ଟର ଗୁଡିକରେ ବର୍ତ୍ତମାନ ରହୁଥିବା ବ୍ୟକ୍ତିମାନଙ୍କୁ ଉକ୍ତ କ୍ୱାର୍ଟରଗୁଡିକୁ ଖାଲି କରିବା ନିମନ୍ତେ ନୋଟିସ ପ୍ରେରଣ କରାଯିବା ସହିତ ଉକ୍ତ କ୍ୱାର୍ଟରଗୁଡିକ ବିପଦସଂକୁଳ ଅବସ୍ଥାରେ ଥିବାରୁ ଏଗୁଡିକୁ ଭଙ୍ଗାଯାଇ, କଟକ ମହାନଗର ନିଗମର ଉକ୍ତ ମୂଲ୍ୟବାନ ଜମିକୁ Affordable Housing Scheme ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତଥା ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ବିକଶିତ କରାଯିବା ସହିତ ଗୃହ ନିର୍ମାଣ କରି ଯୋବ୍ରା ମ୍ୟୁନିସିପାଲ କଲୋନୀରେ ରହୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ସରକାରଙ୍କ ଉପରୋକ୍ତ ଯୋଜନା ମଧ୍ୟରେ ଗୃହ ପାଇବା ପାଇଁ ହକ୍‌ଦାର ହେଉଥିବେ ବା ହିତାଧିକାରୀ ପରିସର ମଧ୍ୟରେ ଆସୁଥିବେ ଓ ନିକଟସ୍ଥ ବସ୍ତିବାସିନ୍ଦାମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ହେଉଥିବା ହିତାଧିକାରୀମାନଙ୍କୁ ସେଠାରେ ଥଇଥାନ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା ।

ମାନ୍ୟବର ଉଚ୍ଚ ନ୍ୟାୟାଳୟ ଙ୍କ କେସ୍ ସଂଖ୍ୟା W.P (C) No.-7219 of 2016 ଓ W.P (C) No.-15157 of 2016 (Bipin Bihari Mohapatra -Vrs- State of Odisha & others) ର ଆଦେଶ ତା୧୬.୦୩.୨୦୧୭ ରିଖ ମୁତାବକ, କେସ୍‌ର ଦରଖାସ୍ତକାରୀମାନଙ୍କର ଦାବିକୁ ବିଚାରକୁ ନେଇ, ତତ୍‌ସଂଲଗ୍ନ ସମସ୍ତ ପାରିପାର୍ଶ୍ୱିକ, ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି, ମହାନଗର ନିଗମର ଏବଂ ସହରବାସୀଙ୍କ ହିତକୁ ଦୃଷ୍ଟିରେ ରଖି, ଉପରଲିଖିତ ପ୍ରସ୍ତାବ ଗୁଡିକୁ ସ୍ୱୀକୃତି କରିବା ସହିତ ତାହାର ଅନୁରୂପ ଫଳ ସ୍ୱରୂପ, ପରିଷଦ ମଧ୍ୟ ଏହି ନିଷ୍ପତି ଗ୍ରହଣ କରେକି, କଟକ ମହାନଗର ନିଗମ ତାହାର ଏହି ମୂଲ୍ୟବାନ ଜମି, ଯାହା ଉପରେ ସ୍ଲମ୍ ଘରଗୁଡିକ/କ୍ୱାର୍ଟର ଗୁଡିକ ଅବସ୍ଥିତ, କେବେବି କାହାକୁ ବ୍ୟକ୍ତିଗତ ଭାବରେ ସମର୍ପି ଦେବାପାଇଁ ଇଚ୍ଛୁକ ନୁହେଁ। କାରଣ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ପଲିସିଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଏହି ଜମିର ନିହାତି ଆବଶ୍ୟକ ଅଛି। ଏଣୁ, ଦରଖାସ୍ତକାରୀଙ୍କ ଦାବିକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ବିଚାର କରି, ପରିଷଦ ଉକ୍ତ ଦାବିକୁ ଖାରଜ କରି, ସେହିସବୁ ବିପଦସଂକୁଳ ଘରକୁ ଯଥାଶୀଘ୍ର ଉଚ୍ଛେଦ କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଉକ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ସଂପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଯଥାଶିଘ୍ର ନିର୍ଦ୍ଦେଶ ଦେଇ, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆୟୁକ୍ତଙ୍କୁ ପରାମର୍ଶ ଦିଆଗଲା ।

ପରିଷଦ ବୈଠକରେ ନିଆଯାଇଥିବା ଉପରୋକ୍ତ ନିଷ୍ପତିକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶାଙ୍କ ଠାରେ କରିଥିବା କେସ୍ ଯଥା- W.P (C) No.-7219 of 2016 ଓ W.P (C) No.-15157 of 2016 ର ଦରଖାସ୍ତକାରୀମାନଙ୍କୁ ଓ ଯୋବ୍ରା କ୍ୱାର୍ଟରରେ ଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ତଥା ଥୋରିଆ ସାହିସ୍ଥିତ କ୍ୱାର୍ଟରଗୁଡିକରେ ରହୁଥିବା ବ୍ୟକ୍ତିମାନଙ୍କୁ ଏବଂ ରାଜ୍ୟ ସରକାରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଗଲା।

୨. ସଦସ୍ୟ ଶ୍ରୀଯୁକ୍ତ ଚିରଂଜୟ ସାହୁ, ଅଧକ୍ଷ, ପବ୍ଲିକ ୱ୍ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ତଥା କର୍ପୋରେଟର, ୱ୍ୱାର୍ଡ଼ ନଂ-୪୨ ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ଉନ୍ନତି ଯୋଜନାରେ ଉକ୍ତ ୱ୍ୱାର୍ଡ଼ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ଅର୍ନ୍ତଭୁକ୍ତ କରାଯାଇଥିବା ଦୃଷ୍ଟିରୁ ବର୍ତ୍ତମାନ ଉକ୍ତ କାର୍ଯ୍ୟ ବଦଳରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଅର୍ନ୍ତଭୁକ୍ତ କରାଯିବାକୁ ସ୍ଥିର କରାଗଲା ।

| Previous Work | Proposed New Work |
|---|---|
| 1. Development of Parking place infront of Chauliaganj Community Centre with Construction of Kitchen Room in Ward No-42 (Estimated amount of Rs. 15 Lakhs) | 1. Development of parking place infront of Chauliaganj Community Centre (Estimated amount of Rs. 5 Lakhs)<br>2. Provision of Multigym at Nityananda Bayam Bidyalaya at Chauliaganj Thatari Sahi (Estimated amount of Rs. 2 Lakhs)<br>3. Development of Madanmohan C.C. located at Chauliaganj Thatari Sahi (Estimated amount of Rs. 5 Lakhs)<br>4. Construction of Kitchen Room at Madanmohan C.C. located at Chauliaganj Thatari Sahi (Estimated amount of Rs. 3 Lakhs) |
| 2. Development of Children Park located at OMP Square (Estimated amount of Rs. 10 Lakhs) | 1. Provision of Children play equipment located at OMP Parala Maharaj Park (Estimated amount of Rs. 5 Lakhs)<br>2. Provision of Open Gym equipment & play equipment at OMP Parala Maharaj Park (Estimated amount of Rs. 5 Lakhs) |
| 3. Provision of Multigym for Play Ground at Chauliaganj (Estimated amount of Rs. 10 Lakhs) | 1. Provision of multigym for male located at Chauliaganj Play Ground at Chauliaganj (Estimated amount of Rs. 5 Lakhs)<br>2. Provision of multigym and open gym for female located at Chauliaganj Play Ground at Chauliaganj (Estimated amount of Rs. 5 Lakhs) |

୩. କଟକ ମହାନଗର ନିଗମରେ ମେସର୍ସ ନିରାକାର ସିକ୍ୟୁରିଟି ଆଣ୍ଡ ଇଣ୍ଟେଲିଜେନ୍ସ ସର୍ଭିସେସ ମାଧ୍ୟମରେ କାର୍ଯ୍ୟ କରୁଥିବା ୫୯ ଜଣ ସିକ୍ୟୁରିଟି ଗାର୍ଡ଼, ୨୩ ଜଣ ମାଳି ଏବଂ ୩ ଜଣ କାଜୁଆଲ ଲେବରଙ୍କ କାର୍ଯ୍ୟ ଅବଧିକୁ ତା ୦୧.୦୪.୨୦୧୭ ରିଖ ଠାରୁ ୩୧.୦୫.୨୦୧୮ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ସ୍ଥିର କରାଗଲା ।

୪. ନିଗମର ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ପ୍ରାପ୍ତ ହୋଇଥିବା **M/s Metro West Handling Pvt. Ltd., Delhi** ସଂସ୍ଥା ବିରୁଦ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ରୁଜୁ କରାଯାଇଥିବା ଦୃଷ୍ଟିରୁ, ମାନ୍ୟବର ନ୍ୟାୟାଳୟ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି, କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ଏବଂ ପରିଷଦ ବୈଠକରେ ପାରିତ ହୋଇଥିବା ପ୍ରସ୍ତାବକୁ ଯଥାର୍ଥ ଦର୍ଶାଇଥିବାରୁ, ଯଥାଶିଘ୍ର ଉକ୍ତ ସଂସ୍ଥାଙ୍କ ସହିତ ବୈଠକ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୫. ନିଗମର ଅଧିକାରୀମାନଙ୍କ ନିମନ୍ତେ ଭଡ଼ା ସୁତ୍ରରେ ବ୍ୟବହାର କରାଯାଉଥିବା ଗାଡ଼ିର ମାଲିକମାନଙ୍କ ଦ୍ୱାରା ଆବେଦନ କରାଯିବା ତଥା ରାଜ୍ୟ ସରକାରଙ୍କ Finance Department Notification No-27037/F, dt.04.10.2015, ଆଦେଶ ଅନୁଯାୟୀ ନିଗମରେ ଭଡ଼ା ସୁତ୍ରରେ ନିୟୋଜନ କରାଯାଇଥିବା ଗାଡ଼ି ଗୁଡ଼ିକର ଭଡ଼ା ବୃଦ୍ଧି କରାଯିବା ଏବଂ ନିଗମର ଆର୍ଥିକ ସ୍ଥିତକୁ ଦୃଷ୍ଟିରେ ରଖାଯାଇ ନିମ୍ନମତେ ସଂଶୋଧନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା । ଏହାକୁ ତା ୦୧.୦୭.୨୦୧୮ରିଖ ଠାରୁ ଲାଗୁ କରାଯିବା ନିମନ୍ତେ ସ୍ଥିର କରାଗଲା ।

| Sl. No | Type of Vehicles | Govt. Rate | Previsous Rate (Per Month) | Present Rate (Per Month) | Mileage in KMS per liter |
|---|---|---|---|---|---|
| 1. | Bolero | Rs. 20,000/- | Rs. 16,000/- | Rs. 16,500/- | 12 |
| 2. | Indigo / Swift Dzire and others | Rs. 18,000/- | Rs. 15,000/- | Rs. 16,500/- | 15 |
| 3. | Auto | | Rs. 200/-(Per day) | Rs. 250/-(per day | |

୬. କଲେଜ ଛକ ଠାରୁ ପିଲିଗ୍ରୀମ ରୋଡ଼ ପର୍ଯ୍ୟନ୍ତ ବୈଦ୍ୟୁତିକ ପୋଲ ଗୁଡ଼ିକ ନଷ୍ଟ ହୋଇଯାଇଥିବା ଦୃଷ୍ଟିରୁ, ଯଥାଶିଘ୍ର ଉକ୍ତ ସ୍ଥାନରେ ନୂତନ ବୈଦ୍ୟୁତିକ ପୋଲ ଅବସ୍ଥାପିତ କରାଯିବା ନିମନ୍ତେ ସ୍ଥିର କରାଗଲା ।

୭. ନିଗମର କ୍ଷେତ୍ର କର୍ମଚାରୀ ମାନଙ୍କ ନିମନ୍ତେ ଇଏସ୍ଆଇ ଏବଂ ବୀମା ସୁବିଧା ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୮. ନିଗମରେ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନଙ୍କ ଯଥା ବୈଦ୍ୟୁତିକ କାର୍ଯ୍ୟ, ନାଳ ସଫେଇ, ପାଣି ପାଇପ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ହେଲମେଟ, ଗ୍ଲୋବସ୍ ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ଉପକରଣ ଯୋଗାଇଦେବା ନିମନ୍ତେ ସ୍ଥିର କରାଗଲା ।

୯. ନିଗମ ଅଂଚଳରେ ଚାଲୁରହିଥିବା ପଙ୍କୋଉଦ୍ଧାର କାର୍ଯ୍ୟକୁ ବର୍ଷାଦିନ ପୁର୍ବରୁ ଶେଷ କରାଯିବା ନିମନ୍ତେ ସ୍ଥିର କରାଗଲା ।

୧୦. ନିଗମ ଅଂଚଳରେ ୪ ଗୋଟି ଜନସ୍ୱାସ୍ଥ୍ୟ କେନ୍ଦ୍ର **Privatisation** ମାଧ୍ୟମରେ ଖୋଲାଯିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପତ୍ରାଳାପ କରାଯାଇ କାର୍ଯ୍ୟକାରୀ କରାଯିବାକୁ ସ୍ଥିର କରାଗଲା ।

୧୧. **Human Bachpan Trust** ତରଫରୁ ଆଗତ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ କଟକ ସହରକୁ **Child and Family Friendly City** ଭାବରେ ଅଭିହିତ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୧୨. ନିଗମ ଅଂଚଳରେ ଜଣ୍ଡିସ ବ୍ୟାପୁଥିବା ଦୃଷ୍ଟିରୁ ଜନସ୍ୱାସ୍ଥ୍ୟ ବିଭାଗକୁ ପ୍ରତାଳାପ କରାଯାଇ ଫଟା ପାଇପ ମରାମତି କରାଯିବା ସହିତ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଏବଂ ଜଳ ନିଷ୍କାସନ ଯୁଦ୍ଧ କାଳୀନ ଭିତରେ କରାଯିବାକୁ ସ୍ଥିର କରାଗଲା ।

୧୩. ନିଗମର ପେଟ୍ରୋଲ ପମ୍ପରେ କାର୍ଯ୍ୟକରୁଥିବା କର୍ମଚାରୀ ମାନେ କାର୍ଯ୍ୟ ଦିବସ ବ୍ୟତିତ ପ୍ରତ୍ୟେକ ସରକାରୀ ଛୁଟି ଦିବସ ମାନଙ୍କରେ(ସପ୍ତାହକୁ ୭ ଦିନ) କାର୍ଯ୍ୟ କରୁଥିବା ଦୃଷ୍ଟିରୁ, ଉକ୍ତ କର୍ମଚାରୀ ମାନଙ୍କୁ ସରକାରୀ ଛୁଟି ଦିବସ ପାଇଁ ଦୈନିକ ଟ. ୨୦୦ ଙ୍କା ଏବଂ ମ୍ୟାନେଜରଙ୍କୁ ଦୈନିକ ଟ. ୩୦୦/- ଙ୍କା ପ୍ରୋତ୍ସାହନ ଭତା ହିସାବରେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**(ମୀନାକ୍ଷୀ ବେହେରା)**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ